

"ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



# ଫଟୋରେ ନୂଆଁଖାଇ



ମଙ୍ଗଳବାର ସମ୍ବଲପୁର ସମଲେଶ୍ୱରୀ ମଣ୍ଡପରେ ନୂଆଁଖାଇ ସ୍ମରଣିକା ଉନ୍ମୋଚନ କରାଯାଉଛି।



ଆରତୀ ଗୀତ ଗାନ କରୁଛନ୍ତି।



ମଙ୍ଗଳବାର ସମ୍ବଲପୁରରେ ନୂଆଁଖାଇ ଜୁହାର ଭେଟ।



ଆରଣ୍ୟକ ମଞ୍ଚରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ସମଲେଇ ଗୁଡ଼ି ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଉଛି।



ସମଲେଇଙ୍କୁ ଦର୍ଶନ କରିବାକୁ ଭକ୍ତମାନେ ଧାଡ଼ିରେ ଠିଆ ହୋଇଛନ୍ତି।



ମହିଳାମାନେ ନୂଆଁଖାଇ ପିଠା ତିଆର କରୁଛନ୍ତି।



ମାନେଶ୍ୱର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥି।



ସମ୍ବଲପୁର ଆରଣ୍ୟକ ମଞ୍ଚରେ ଚାଷୀ, ଶିକ୍ଷାବିତ୍ ଓ ଗୀତିକାରଙ୍କୁ ସମ୍ମାନିତ କରାଯାଉଛି।



ସମ୍ବଲପୁର ଆରଣ୍ୟକ ମଞ୍ଚରେ ଜନସାଧାରଣ।



ବାଲୁଙ୍କେଶ୍ୱର ମଣ୍ଡପରେ ରଙ୍ଗଫରୁଆ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# କୃଷକଙ୍କ ଉନ୍ନତି ଦିଗରେ ଉଦ୍ୟମ ଲୋଡ଼ା

## ନୂଆଁଖାଇ ଭେଟଘାଟ: ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ସହର

**ସମ୍ବଲପୁର,୩।୯(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ସମାଜିକ ଓ କୃଷିଭିତ୍ତିକ ଏହି ପର୍ବ ପୁରଠାରୁ ପଲ୍ଲୀ ପର୍ଯ୍ୟନ୍ତ ଧୁମଧାମରେ ପାଳନ କରାଯାଇଛି। ଏହି ଅବସରରେ ନାଚଗୀତ, ଖେଳକୁଦ, ତାସ୍, ଲୁଡୋ ଚେସ୍ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ତଥା ଜିଲା ବାହାର ପ୍ରତିଭାମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଛି। ପରିବାର ସହ ନୂଆଁଖାଇ ପାଳିବା ପରେ ଅପରାହ୍ନରୁ ଭେଟଘାଟ କାର୍ଯ୍ୟକ୍ରମ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସହର ଦୁଲୁକି ଉଠିଥିଲା। ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଝାଡୁଆପଡ଼ା ବଡ଼ଦୁଆରଠାରେ ନୂଆଁଖାଇ ଭେଟଘାଟ ଆୟୋଜନ କରାଯାଇଥିଲା। ଏଥିରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଅଧିକ ଫସଲ ଅମଳ ପାଇଁ ନୂଆଁଖାଇରେ ଚାଷୀ ଇଷ୍ଟଦେବୀଙ୍କ ପାଖରେ ପ୍ରାର୍ଥନା କରିଥାଏ। ହେଲେ ଚାଷୀମାନେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। ସମସ୍ୟା ଯୋଗୁ ଚାଷୀ ମାନସିକ ଚାପରେ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି। ତେଣୁ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସବୁ ସ୍ତରରେ ଉଦ୍ୟମ ଲୋଡ଼ା ବୋଲି ସେ କହିଥିଲେ। ଏହି ଅବସରରେ ସନାତନପାଲି ଗ୍ରାମର ଚାଷୀ ମନବୋଧ ବାରିକ, ସମ୍ବଲପୁରୀ ଗୀତିକାର ମିତ୍ରଭାନୁ ଗୌନ୍ତିଆ, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବାଲୁଙ୍କେଶ୍ୱର ମଣ୍ଡପ

ସମ୍ବଲପୁର ନନ୍ଦପଡ଼ା ବାଲୁଙ୍କେଶ୍ୱର ମଣ୍ଡପରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ଓ ଚିତ୍ରୋତ୍ପଳା ଯୁବକ ସଂଘ ମିଳିତ ଅନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସଭାପତି କେଶବ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ବାଲୁଙ୍କେଶ୍ୱର ମନ୍ଦିର ଟ୍ରଷ୍ଟ ସଦସ୍ୟ ସୁରେଶ୍ୱର ମିଶ୍ର ଯୋଗଦେଇଥିଲେ। ସମ୍ପାଦକ ମାନସ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରଙ୍ଗଫରୁଆ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ତୋଷ ମିଶ୍ରଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ ମଞ୍ଚସ୍ଥ ହୋଇଥିଲା। ଫଣୀଭୂଷଣ ମିଶ୍ର, ଶିବ ମିଶ୍ର, ସମୀର ରଞ୍ଜନ ବାବୁ, ସନତ ନନ୍ଦ, ଧବଳେଶ୍ୱର ହୋତା, ବାଳଗୋପଳ ନନ୍ଦ, ଅବିନାଶ ମିଶ୍ର, ରାହୁଲ ବାବୁ, ବିଚିତ୍ର ନନ୍ଦ, ଫାଲଗୁନୀ ବାରିକ, ସୁଧାଂଶୁ ମିଶ୍ର, ଶଶାଙ୍କ ଶେଖର ନନ୍ଦ, ପ୍ରଫୁଲ ହୋତା, ସନ୍ତୋଷ ମିଶ୍ର, ସୁନୀଲ ତ୍ରିପାଠୀ, ପ୍ରଶାନ୍ତ ବରେଇ ପ୍ରମୁଖ ଉପସ୍ଥିତ ଥିଲେ।

### ସମଲେଶ୍ୱରୀ ମଣ୍ଡପ

ସମ୍ବଲପୁର ଯୁବକ ସଂଘ ପକ୍ଷରୁ ସମଲେଇ ମଣ୍ଡପରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ସଭାପତି ଅଦିତ୍ୟ ପ୍ରାସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସଞ୍ଜୟ ବାବୁ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ପାଇଁ କବି ସୌଭାଗ୍ୟବନ୍ତ ମହାରଣା, କ୍ରୀଡ଼ାରେ ସୋମନାଥ ପଟ୍ଟନାୟକ, ନାଟକରେ ଅତିଶ କୁମାର ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ୟାମସୁନ୍ଦର ଧର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ରାଜୀବ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ମଧୁସୂଦନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଁଖାଇ ତିହାର ପାଳିତ

**ଚିପିଲିମା,୩।୯(ଡି.ଏନ୍.ଏ.)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ତିହାର ହର୍ଷଉଲ୍ଲାସରେ ପାଳିତ ହୋଇଛି। ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ବୈଜାମୁଣ୍ଡା, ଆ.କଟାପାଲି, ଚାଉଁରପୁର, ସ୍ନେହାପାଲି, କଲାମାଟି, ବସନ୍ତପୁର, କର୍ଡୋଲା ଓ କୁଦ୍ ଗୁଣ୍ଡେରପୁର ପଞ୍ଚାୟତର ସମସ୍ତ ଗ୍ରାମରେ ନୂଆଁଖାଇ ତିହାର ପାଳିତ ହୋଇଛି। ତିହାର ପୂର୍ବରୁ ଘରଦ୍ୱାର ଲିପାପୋଛା କରି ନୂଆଁଖାଇ ଦିନ ପ୍ରଭାତରୁ ନୀତି ପୂଜା ପରେ ଖିରି, ପୁରୀ, ପିଠାପଣା ତିଆରି କରି ଇଷ୍ଟଦେବୀଙ୍କ ପାଖରେ ଲାଗି ହୋଇଥିଲା। ଗାଁ ଝାଙ୍କର ଦେଇଥିବା ନୂଆଧାନ ଭୋଗଲାଗି ପରେ ପରିବାରର ସମସ୍ତେ ଏକାଠି ବସି ନବାନ୍ନ ଖାଇବା ସହ ବରିଷ୍ଠମାନଙ୍କୁ ଜୁହାର କରି ଆଶୀର୍ବାଦ ନେଇଥିଲେ। ଗାଁ ଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୂଆଁଖାଇ ପାଇଁ ଗାଁଠୁ ସହର ଚଳଚଞ୍ଚଳ ହୋଇଉଠିଥିଲା।

# ବାଇକ୍ ଦୁର୍ଘଟଣା, ଚାଳକ ମୃତ

**ବାମରା,୩।୯(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ଜରାବଗାଠାରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜରାବଗା ପଞ୍ଚାୟତ ଉଉରଗାଁର ବିକ୍ରମ ବଙ୍କରାଙ୍କ ପୁଅ ସଞ୍ଜୀବ (୨୩)। ମଙ୍ଗଳବାର ସନ୍ଧ୍ୟାରେ ସଞ୍ଜୀବ ଓଡି୧୫-ସି୫୬୯୮ନଂ ବାଇକ୍ ଯୋଗେ ଜରାବଗା ଆସିଥିଲେ। ହେଲେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମହୁଲପାଲି ପୋଲିସ ଏ ନେଇ ଏକ ମାମଲା (ନଂ. ୧୨୧/୧୯) ରୁଜୁ କରି ତଦନ୍ତ କରୁଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଏଏସ୍‌ଆଇ ପି. ଖାଲକୋ ସୂଚନା ଦେଇଛନ୍ତି।

■ଭୀମ ଭୋଇ କଲେଜର ୫୦ତମ ପ୍ରତିଷ୍ଠା ଦିବସ

# ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତୁ




ଭୀମ ଭୋଇ କଲେଜ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରେଢ଼ାଖୋଲ,୩।୯(ଡି.ଏନ୍.ଏ.)**

ଛାତ୍ରୀଛାତ୍ରମାନେ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଅଧ୍ୟୟନରେ ମନୋନିବେଶ କରନ୍ତୁ ବୋଲି ମଙ୍ଗଳବାର ଭୀମ ଭୋଇ କଲେଜର ୫୦ତମ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ବିଶିକେଶନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଲେଜର ପ୍ରତିଷ୍ଠା ଦିବସ ଓ ୨୮ତମ ଭୀମ ଭୋଇ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବକ୍ତା ଭାବେ ଐତିହାସିକ ତଥା ଗବେଷକ ସୁଦାମ ନାଏକ ଯୋଗଦେଇ ସନ୍ଥକବି ଭୀମ ଭୋଇଙ୍କ ବୈପ୍ଲବିକ ଚିନ୍ତାଧାରା ଓ ବିଶ୍ୱ ଚେତନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ଅଧକ୍ଷ ଡ. ହରପ୍ରସାଦ ମିଶ୍ର କଲେଜର ୫୦ବର୍ଷ ପୂର୍ତ୍ତି ଅବସରରେ ବର୍ଷତମାମ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଅଧାପିକା ପଦ୍ମଜା ସିହ୍ନା ସ୍ୱାଗତ ଭାଷଣ ଓ ଅଧାପକ ଡ. ମନୋରଞ୍ଜନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗତ ଶିକ୍ଷାବର୍ଷରେ ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଓ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଗଜପତି ପ୍ରଧାନ, ଅରଣ୍ୟ କମଳ ସାହୁ, ରୋଜାଲିନ ରାଣା, ବେବିନା ସ୍ୱାଇଁ, ଅଭିମନ୍ୟୁ ଧଳ, ସିମ୍ରନ କ୍ୟୁରେସି, କିରଣବାଳା ଖିଲାରୀ, ମନସ୍ୱିନୀ ସାଥୁଆ, ରୋଜାଲିନ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଛାତ୍ରୀ ବନାନୀ ବିଶ୍ୱାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟୁଷରେ ଛାତ୍ରମାନେ ଅଧାପକ ଅଞ୍ଜନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସନ୍ଥକବି ଭୀମ ଭୋଇଙ୍କ ସ୍ମୃତିପୀଠ କନ୍ଧରାରୁ ପବିତ୍ର ଅଗ୍ନିଶିଖା ପ୍ରଜ୍ୱଳନ କରି ମଶାଲ ଶୋଭାଯାତ୍ରାରେ କଲେଜ ପର୍ଯ୍ୟନ୍ତ ଆସିଥିଲେ। ମଶାଲ ଶୋଭାଯାତ୍ରାକୁ ବିଭିନ୍ନ ଗ୍ରାମରେ ସ୍ୱାଗତ କରାଯାଇଥିଲା। ଆଇନଜୀବୀ ସରୋଜ ନନ୍ଦଙ୍କ ସଂଯୋଜନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏଥିରେ ବହୁ ପୁରାତନ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ସବୁଠି ନୂଆଁଖାଇର ଝଲକ...


ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରାଣନପୁର ଗାଁର ଜଣେ ଚାଷୀ ଖେତ ପୂଜା କରୁଛନ୍ତି।


ମଙ୍ଗଳବାର ସମ୍ବଲପୁରରେ ନୂଆଁଖାଇ ଜୁହାର ଭେଟ।


ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବୁଢୀବାହାଲ ଗାଁରେ ବାହାରିଥିବା ନୂଆଁଖାଇ ଜୁହାର ଭେଟ୍ ଶୋଭାଯାତ୍ରା।


କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଙ୍ଗାଲିର ସାହୁ ପରିବାର ନବାନ୍ନ ଭକ୍ଷଣ କରୁଛନ୍ତି।



ବୀରମହରାଜପୁର ବ୍ଲକ କେନ୍ଦୁପାଲି ନୂଆଁଖାଇ ଭେଟ୍‌ଘାଟ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।


ସମ୍ବଲପୁର ସମଲେଶ୍ୱରୀ ମଣ୍ଡପରେ କହର କଳାକାରମାନେ ସଂଗୀତ ଗାନ କରୁଛନ୍ତି (ବାମ)। ଦୁର୍ଗା ଦାସ ଓ ପୁଷ୍ପରାଜ ସୁନା ସଂଗୀତ ଗାନ କରୁଛନ୍ତି।


ବଲାଙ୍ଗୀର ଶୈଳେଶ୍ରୀ ପ୍ୟାଲେସ୍‌ରେ ରାଜ ପରିବାରର ସଦସ୍ୟମାନେ ନୂଆ ଖାଉଛନ୍ତି।


ସମ୍ବଲପୁର ସମଲେଶ୍ୱରୀ ମଣ୍ଡପରେ କହର କଳାକାର ମାନେ ନୃତ୍ୟ ପରିବେଷଣ କରୁଛନ୍ତି।


ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ଭକ୍ତମାନେ ନବାନ୍ନ ଭକ୍ଷଣ କରୁଛନ୍ତି।


ମଙ୍ଗଳବାର ସମ୍ବଲପୁରରେ ବଡ଼ଭଉଣୀଙ୍କୁ ଭାଇ ଭୋଗ ଖୁଆଉଛନ୍ତି।


ନୂଆଁଖାଇ ଜୁହାର।
ନକୁଳ ମିଶ୍ର
ସାମାଜିକ କର୍ମୀ, ଯୋଗୀସର୍ଡା

ଲୋଇସିଂହା ପଞ୍ଚାୟତବାସୀଙ୍କୁ ନୂଆଁଖାଇ ଜୁହାର।
ସୁନୀଲ ଅଗ୍ରୱାଲ
ସରପଞ୍ଚ

ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତର ଅଧିବାସୀଙ୍କୁ ନୂଆଁଖାଇ ଜୁହାର।
ଲକ୍ଷ୍ମୀ ପଧାନ
ସରପଞ୍ଚ, ବୁଢ଼ୀପଦର ଗ୍ରାମପଞ୍ଚାୟତ

ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତର ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ସୁନୀଲ ଅଗ୍ରୱାଲ
ସରପଞ୍ଚ, ଝାରମୁଣ୍ଡା

ସୁସ୍ଥ ସମାଜ ଗଠନ ପାଇଁ ଅପପୁଷ୍ଟି ଦୂରୀକରଣ ପାଇଁ ଆସନ୍ତୁ ସଂକଳ୍ପ ନେବା।
ପଲ୍ଲୀଆଲୋକ ପାଠାଗାର
ବଲାଙ୍ଗୀର

ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତବାସୀଙ୍କୁ ନୂଆଁଖାଇ ଜୁହାର।
ରୀନା ବିଶି
ସରପଞ୍ଚ, ହୀରାପୁର ଗ୍ରାମପଞ୍ଚାୟତ

ଚାଷୀ ଭାଇଙ୍କୁ ନୂଆଁଖାଇ ଜୁହାର।
ଲୋଇସିଂହା କୃଷି ବିଭାଗ

ଡ. ମୁକେଶ ମହାଲିଙ୍ଗ
ବିଧାୟକ, ଲୋଇସିଂହା
ଭାରତୀୟ ଜନତା ପାର୍ଟି
ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର
ରାଜେଶ କୁମାର ସାହୁ (ରାଜୁ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ସମସ୍ତ ପଶ୍ଚିମ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଭାଗୀରଥି ବାଣୁଆ
ଅଗ୍ନିଶମ ବିଭାଗ, କେନ୍ଦ୍ର ଅଧିକାରୀ, ସଇଁତଲା

ଲୋଇସିଂହାବାସୀଙ୍କୁ ନୂଆଁଖାଇ ଜୁହାର।
ଅଶୋକ କୁମାର ବରିହା
ପୂର୍ବତନ ଜିଲା ପରିଷଦ ସଭ୍ୟ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ସମସ୍ତ ପଶ୍ଚିମ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଇଁତଲା
ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ତରଫରୁ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ସମସ୍ତ ପଶ୍ଚିମ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ନିର୍ମଳ ହରପାଲ
ସରପଞ୍ଚ, ବିଦିନା ଗ୍ରାମ ପଞ୍ଚାୟତ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ମାନେଶ୍ୱର ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ନୂଆଁଖାଇ ଜୁହାର।।
ଜଣେ ଶୁଭେଚ୍ଛୁ
ମାନେଶ୍ୱର ବ୍ଲକ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ସମସ୍ତ ପଶ୍ଚିମ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସୁମନ କିଶୋର ଡୁଙ୍ଗଡୁଙ୍ଗ୍
ତହସିଲଦାର, ସଇଁତଲା

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ସମସ୍ତ ପଶ୍ଚିମ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଅଶୋକ ରଏ
ବ୍ଲକ ସଂଯୋଜକ, ବିଜୁ ଯୁବ ବାହିନୀ, ସଇଁତଲା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ମାନେଶ୍ୱର ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ନୂଆଁଖାଇ ଜୁହାର।।
ରାହୁଲ ମୋଦକ
ହିରୋ ଶୋରୁମ୍
ଧମା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ମାନେଶ୍ୱର ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ନୂଆଁଖାଇ ଜୁହାର।।
ନରେଶ ସେଠ୍
ସରପଞ୍ଚ
ଧମା ଗ୍ରାମପଞ୍ଚାୟତ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ମାନେଶ୍ୱର ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ନୂଆଁଖାଇ ଜୁହାର।।
ତିଲୋତ୍ତମା ବାଗ
ସାହାସପୁର
ସରପଞ୍ଚ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ସମସ୍ତ ପଶ୍ଚିମ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଦ୍ରୌପଦୀ ବେହେରା
ସରପଞ୍ଚ, ଘୁନସର ଗ୍ରାମ ପଞ୍ଚାୟତ, ଘୁନସର

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ମାନେଶ୍ୱର ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ନୂଆଁଖାଇ ଜୁହାର।
ମନବୋଧ ଭୋଇ
ସରପଞ୍ଚ
ଦେଓଗାଁ ଗ୍ରାମପଞ୍ଚାୟତ



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ନୂଆଖାଇ ଭେଟଘାଟ: ଶିଶୁ ପ୍ରତିଭା ସମ୍ବର୍ଦ୍ଧିତ

ଭେଡ଼େନ,୩।୯(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମ ଦୁର୍ଗା ମଣ୍ଡପରେ ମଙ୍ଗଳବାର ଅପରାହ୍ନରେ ନୂଆଖାଇ ଭେଟଘାଟ ପାଳିତ ହୋଇଛି। ଚିଚିଣ୍ଡା ଗ୍ରାମବାସୀଙ୍କ ତରଫରୁ ଡ଼ା. ସନ୍ତୋଷ କୁମାର ବାବୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଭେଟଘାଟ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଦଲେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭାଙ୍ଗକୁଦ ଗ୍ରାମର ଉଦୀୟମାନ କଣ୍ଠଶିଳ୍ପୀ ରଞ୍ଜିତା ହଂସ ଏବଂ ଚିଚିଣ୍ଡା ଗ୍ରାମର ନବୋଦୟ ଛାତ୍ର ଅଞ୍ଜନ କୁମାର ମେହେରଙ୍କୁ ମାନପତ୍ର, ଉପାୟନ ଏବଂ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଂସ ଅଭିନେତା ସୁଶୀଲ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସଞ୍ଜୀବ କୁମାର ପ୍ରଧାନ ଏବଂ ମନୋରଞ୍ଜନ ମାଝୀ ପରିଚାଳନା କରିଥିଲେ। ଚିଚିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ, କବି ନାଗୁରୁ ଭୋଇ, ନାରାୟଣ ଭୋଇ, ଗ୍ରାମ ଉନ୍ନୟନ କମିଟିର ତ୍ରିଲୋଚନ ଭୋଇ, ଆନନ୍ଦ ରାଉତ, ଶିକ୍ଷକ ବୁଦ୍ଧଦେବ ପାଣ୍ଡେ, ଦୁର୍ଲଭ ଭୋଇଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସଙ୍ଗୀତରେ ଗଜେନ୍ଦ୍ର ଗଣ୍ଡ, ଉତ୍ତମ ଭୋଇ, ରାଜକୁମାର ପ୍ରଧାନ, ଜୟଲାଲ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ପରେ ଆକର୍ଷଣୀୟ ନୃତ୍ୟଗୀତ ଏବଂ ହାସ୍ୟ ଅଭିନୟ ପରିବେଷିତ ହୋଇଥିଲା





ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ନବାନ୍ନ ତିଆରି ପାଇଁ ପୂଜକ ମହାନଦୀରୁ ପାଣି ଆଣିବାକୁ ଯାଉଛନ୍ତି (ବାମ)। ଭୈରବୀଙ୍କ ପୀଠରେ ଲୋକମାନେ ନବାନ୍ନ ଭକ୍ଷଣ କରୁଛନ୍ତି ।

■ ଗଣପର୍ବ ନୂଆଁଖାଇ

# ପିଠାପଣାରେ ମହକିଲା ଗାଁ ଦାଣ୍ଡ

ବୌଦ୍ଧ,୩।୯ (ସ୍ୱ.ପ୍ର)

ପଶ୍ଚିମ ଓଡ଼ିଶାର ଭାଇଚାରା ଓ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ମଙ୍ଗଳବାର ଘରେ ଘରେ ପାଳିତ ହୋଇଛି । ଏଥିପାଇଁ ପାଇଁ ବୌଦ୍ଧ ଜିଲା ଚଳଚଞ୍ଚଳ ହୋଇପଡିଥିବା ବେଳେ ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ଧାର୍ଯ୍ୟ ଲଗ୍ନ ଅନୁସାରେ ନବାନ୍ନ ଲାଗି କରାଯାଇଥିଲା। ମହାନଦୀର ପବିତ୍ର ଜଳକୁ ଶୋଭାଯାତ୍ରାରେ ଅଣାଯାଇ ଦେବୀଙ୍କ ପାଇଁ ନବାନ୍ନ ପ୍ରସ୍ତୁତ କରାଯାଇଥିଲା । ପାଳିଆ ପୂଜକ ବିଭୂତି ଭୂଷଣ ବଡମାଳି ଓ ପୂଜକ ମଧୁସୂଦନ ବାରିକ ବିଧି ପ୍ରକାରେ ସ୍ୱତନ୍ତ୍ର ପୂଜା କରିବା ପରେ ପ୍ରଥମେ ମା' ଭୈରବୀଙ୍କ ଠାରେ ନବାନ୍ନ ଲାଗି ହୋଇଥିଲା । ପରେ ପାର୍ଶ୍ୱ ଦେବୀଦେବମାନଙ୍କୁ ନବାନ୍ନ ଅର୍ପଣ କରାଯାଇଥିଲା। ଭୈରବୀଙ୍କ ଠାରେ ମହାଆଳତି ପରେ ଭକ୍ତମାନେ ସାମୂହିକ ଭାବେ ନବାନ୍ନ ସେବନ କରିଥିଲେ । ପୂଜା ସମୟରେ ଭୈରବୀଙ୍କ ପୀଠରେ ମୁଖ୍ୟ ପୂଜକ ଗୌରି ପ୍ରସାଦ ବଡମାଳି, ରାକେଶ ବଡମାଳି, ସାନନ୍ଦ ବଡମାଳି, ଧନେଶ୍ୱର ବଡମାଳି, ତରଣୀ ବଡମାଳି, ରାକେଶ କୁମାର ବାରିକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏପଟେ ଘରେ ଘରେ ନୂଆ ଚାଉଳର ପିଠାପଣାରେ ଗାଁ ଦାଣ୍ଡ ମହମହ ବାସୁଥିଲା। ସମସ୍ତ ଗ୍ରାମରେ ପ୍ରଥମେ ମୁଖିଆଙ୍କ ଦ୍ୱାରା ଗ୍ରାମଦେବତୀଙ୍କ ନିକଟରେ ନବାନ୍ନ ଅର୍ପଣ ପରେ ପ୍ରତି ପରିବାରର ସମସ୍ତେ ନୂଆବସ୍ତ୍ର ପିନ୍ଧି ନିଜ ନିଜର ଇଷ୍ଟ ଦେବୀଦେବଙ୍କୁ ନବାନ୍ନ ଅର୍ପଣ କରିଥିଲେ। ପରେ ନବାନ୍ନ ଭକ୍ଷଣ କରି ପରିବାର ଓ ଗ୍ରାମର ଗୁରୁଜନଙ୍କ ନିକଟରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ପରମ୍ପରା ଅନୁସାରେ କୁରେଇ, ମହୁଲ, ପଳଶା, ଶାଳପତ୍ରରେ ନବାନ୍ନ ଖାଇଥିଲେ। ନିଜ ଜମିରେ ଚଷାପୁଅ କ୍ଷୀର, ଅରୁଆ ଚାଉଳ, ଫୁଲ ଓ ଦୁବ ଦେଇ ପୂଜା ମଧ୍ୟ କରିଥିଲେ । ମିଳିମିଶି ନବାହ୍ନ ଖାଇବା ପରେ ଗାଁ ଗାଁରେ ନାଚ ଗୀତର ଆସର ଜମିଛି। ନବାନ୍ନ ଭକ୍ଷଣ ପରେ ଭେଟ୍‌ଘାଟ୍ ଏକ ନିଆରା ପରମ୍ପରା। ଯୁଗ ଯୁଗରୁ ଚଳି ଆସୁଥିବା ଏହି ପରମ୍ପରା ଅନୁଯାୟୀ ନବାହ୍ନ ଭକ୍ଷଣ ପରେ ଗ୍ରାମର ଛୁଆ ଠାରୁ ବୁଢା ପର୍ଯ୍ୟନ୍ତ ନିଜ ବୟସ ଠାରୁ ଅଧିକ ବୟସ୍କ ବ୍ୟକ୍ତି ବିଶେଷଙ୍କ ପାଦଛୁଇଁ ଆଶୀର୍ବାଦ ଗ୍ରହଣ କରିଥିଲେ । ଭେଟଘାଟ ପର୍ବ ପାଇଁ ସାରା ଜିଲା ଉତ୍ସବମୁଖର ହୋଇପଡିଛି ।

## ଦୈନିକ ବଜାର ରାସ୍ତାରେ ଅପରିଷ୍କାର ପାଣି

ବୌଦ୍ଧ,୩।୯(ସ୍ୱ.ପ୍ର)

ବୌଦ୍ଧ ସହରର ଦୈନିକ ବଜାର ରାସ୍ତାର ମୁଖ୍ୟ ପ୍ରବେଶ ପଥରେ ଅପରିଷ୍କାର ପାଣି ଯୋଗୁ ଗ୍ରାହକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ସହରର ଏକମାତ୍ର ଗଣେଶ ବଜାରରେ ସମସ୍ତ ପ୍ରକାର ଦୋକାନ ସହ ପ୍ରତ୍ୟହ ପରିବା ବଜାର ବସିଥାଏ। ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ସହ ରାସ୍ତା ଉପରେ ଚାଷୀମାନେ ପରିବା ବିକ୍ରି କରିଥାନ୍ତି । ଏଥିପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପ୍ରତ୍ୟହ ପରିବା ବିକ୍ରି କରୁଥିବା ଚାଷୀ ମାହାସୁଲ ଦେଇଥାନ୍ତି। କିନ୍ତୁ ଉକ୍ତ ବଜାରରେ ଚାଷୀଙ୍କ ପାଇଁ ପରିବା ବିକିବାକୁ କୌଣସି ସୁବିଧା ନାହିଁ। ଏବେ ଜାରର ମୁଖ୍ୟ ପ୍ରବେଶ ରାସ୍ତା ଉପରେ ଅପରିଷ୍କାର ପାଣି ଜମି ରହୁଥିବାରୁ ଚାଷୀ ଓ ଗ୍ରାହକମାନେ ଯିବା ଆସିବାରେ ବହୁ ହଇରାଣ ହେଉଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ଏ ନେଇ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।



ଦୈନିକ ବଜାର ରାସ୍ତାରେ ପାଣି ଜମିଛି।



ବରଗଡ଼ ଜିଲା ଭେଡେନ୍ ବ୍ଲକ ଚିଚିଣ୍ଡା ନୂଆଖାଇ ଭେଟଘାଟରେ ଜଣେ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ନୃସିଂହନାଥରେ ନବାନ୍ନ ଖାଇଲେ ଭକ୍ତ

ପାଇକମାଳ, ୩।୯(ଡି.ଏନ୍.ଏ.)

ପାଇକମାଳ ଅଞ୍ଚଳରେ ମଙ୍ଗଳବାର ସମସ୍ତେ ନିଜ ନିଜ ପରିବାର ଏକାଠି ହୋଇ ନୂଆଁଖାଇ ତିହାର ପାଳନ କରିଛନ୍ତି । ସୋମବାର ପରିବାର ପରିବାର ମଧ୍ୟରେ ବନ୍ଧୁବାନ୍ଧବ ସହ ଅଢିଆ ଆଦାନ ପ୍ରଦାନ ହୋଇଥିଲା। ସମସ୍ତେ ନୂଆଁଖାଇ ପାଇଁ ଆବଶ୍ୟକ ଜିନିଷ କିଣିଥିଲେ । ନୂଆଁଖାଇ ବଜାର ସ୍ୱତନ୍ତ୍ର ବସିଥିଲା। ନୂଆଧାନଠାରୁ ଆରମ୍ଭ କରି ପତ୍ର ମଧ ବିକ୍ରୟ ହେଉଥିବା ଦେଖାଯାଇଥିଲା। ପରିବାରର ମୁଖିଆମାନେ ନିଜ ନିଜ ଘରମାନଙ୍କରେ ଇଷ୍ଟଦେବତାଙ୍କୁ ପୂଜାର୍ଚ୍ଚନା କରି ନୂତନ ଧାନରେ ତିଆରି ଖିରି, ପିଠାପଣା ଭୋଗ ଲାଗି କରିଥିଲେ। ପରିବାରର ସମସ୍ତେ ଏକାଠି ବସି ଖାଇସାରିଲା ପରେ ସାନମାନେ ବଡ଼ମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିଲେ । ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରରେ ନୀଳ ବ୍ରହ୍ମଗିରିମାନେ ପ୍ରତ୍ୟୁଷରୁ ଉଠି ଭଗବାନ ନୃସିଂହ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ନବାହ୍ନ ଉପଲକ୍ଷେ ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା। ପୂଜକ ସୁଜ୍ଞାନ୍ତ ପୁରୋହିତ, ମନମିତ ପୁରୋହିତ, ସିଦ୍ଧାର୍ଥ ପୁରୋହିତ, ନରସିଂ ହୋତ, ସତ୍ୟ ପୁରୋହିତ, ଅର୍ଜୁନ ପୁରୋହିତ ମନ୍ଦିରର ଚାରିପାଖରେ ଥିବା ପାର୍ଶ୍ୱ ଦେବୀଦେବଙ୍କୁ ପୂଜା କରିଥିଲେ। ଏହାପରେ ଆବହମାନ କାଳରୁ ଚାଲିଆସିଥିବା ଗାଦିପୂଜା ମହାସମାରୋହରେ କରାଯାଇଥିଲା। ଲଗ୍ନ ଅନୁସାରେ ପ୍ରଭୁ ମାର୍ଜାର କେଶରୀଙ୍କଠାରେ ରୀତିନୀତି ଅନୁସାରେ ପୂଜନ କରାଯାଇ ନବାହ୍ନ ଲାଗି କରାଗଲା। ପରେ ପରେ ନୂଆଁଅନ୍ନ ପାଇବା ପାଇଁ ଆସିଥିବା ହଜାର ହଜାର ଭକ୍ତମାନଙ୍କୁ ନବାନ୍ନ, ଭାତଡାଲି, ତରକାରି, ଖିରି, ଖଟା, କାକରା, ଆରିଷା ଭକ୍ତମାନଙ୍କୁ ବଣ୍ଟାଯାଇଥିଲା। ବିଡିଓ ସଦାଶିବ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ, ପୁରୁଷୋତ୍ତମ ପ୍ରଧାନ, ରମେଶ ଚନ୍ଦ୍ର ସେଠୀ, ବିଶ୍ୱମ୍ଭର ମୁଣ୍ଡ, ବିଷ୍ଣୁ ପଶାୟତ, ନଗେନ୍ଦ୍ର ପାଣିଗ୍ରାହୀ, ସୁବାସ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ନବାନ୍ନ ବଣ୍ଟନ କରାଯାଇଥିଲା। ମନ୍ଦିରର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ବଜ୍ରପାତରେ ଗୁରୁତର ବୃଦ୍ଧାଙ୍କ ମୃତ୍ୟୁ

ଜହ୍ନାପଙ୍କ,୩।୯(ଡି.ଏନ୍.ଏ.)

ବଜ୍ରପାତରେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିଗଡ଼ ଗ୍ରାମର ଖଗେଶ୍ୱର ଗାଇଗୌରିଆ (୬୨)ଙ୍କ ରବିବାର ପରଲୋକ ହୋଇଛି। ସୂଚନାନୁଯାୟୀ, ଗାଇଗୌରିଆ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ବିଲରେ ହରଡ଼ ରୋଉଥିବା ବେଳେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆନନ୍ଦ ଉଲ୍ଲାସର ସହ ନୂଆଁଖାଇ ପାଳନ

ମୋହନଗିରି,୩।୯(ଡି.ଏନ.ଏ.): ସମଗ୍ର ପଶ୍ଚିମ ଓଡିଶାରେ ପାଳିତ ହେଉଥିବା କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଆଜି କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଅଞ୍ଚଳରେ ଧୁମଧାମର ସହିତ ନୂଆଁଖାଇ ପାଳିତ ହୋଇଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଧବଳେଶ୍ୱର ପୀଠ ଓ ଶ୍ରୀଜଗନ୍ନାଥ ମନ୍ଦିରରେ ନୂଆଁ ଧାନର ଚୁଡା ଭୋଗ ଲାଗି ହେବା ପରେ ଅଞ୍ଚଳବାସୀ ନିଜ ଇଷ୍ଟ ଦେବବେବୀଙ୍କୁ ନୂଆଁ ଧାନ ଚୁଡା ଭୋଗ ସର୍ମପଣ କରିବା ସହିତ ପୂଜା କରିଥିଲେ। ଏହା ପରେ ପରିବାର ସମସ୍ତେ ଏକାଠି ମିଶି ନୂଆଁ ଖାଇଥିଲେ।

# ନୂଆଖାଇ ଭେଟଘାଟ: ଛାତ୍ରୀଛାତ୍ରଙ୍କ ମଧରେ ପ୍ରତିଯୋଗିତା

ସୋହେଲା,୩।୯(ଡି.ଏନ.ଏ)

ସୋହେଲା ବ୍ଲକ ବାଉଁସେନମୁରା ପଞ୍ଚାୟତ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମରେ ପଶ୍ଚିମ ଓଡିଶା ସାହିତ୍ୟ ସଂସଦ ପକ୍ଷରୁ ମଙ୍ଗଳବାର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଖାଇ ଉପରେ ଆଲୋକପାତ କରିଥିଲେ। ସଭାରେ ଗ୍ରାମର ଗୌନ୍ତିଆ ସନ୍ତୋଷ କୁମାର ଦିଶ୍ରୀ ସଭାପତିତ୍ୱ କରିଥିବାବେଳେ ପ୍ରଦୀପ ପାଣ୍ଡେ ସଭା ପରିଚାଳନା କରିଥିଲେ । ପରାଗ ସାହୁ କବିତା ପାଠ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରଶିଡିଆଁ, ଜିଲାପି ଖିଆ, ବାଇଗଣ ମୁହାଁ, ରୁଟି ତିଆରି ଏବଂ ବୟସ୍କଙ୍କ ପାଇଁ ରସିଡିଆ, ହୁଳହୁଳି, ହଳିଆଗୀତ, ପିଠା ତିଆରି ଏବଂ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ମନ୍ତ୍ରୀ ସିଂ ପୁରସ୍କାର ବିତରଣ କରିଥିଲେ। କୃଷ୍ଣପ୍ରସାଦ ମିଶ୍ର, କୃପାସିନ୍ଧୁ ପାଣ୍ଡେ, ଲୀଳାମୟ ବେହେରା, ସମୀର ଅଭିଲାଷ, ଶିବପ୍ରସାଦ, ଧନେଶ୍ୱର ଓ ସ୍ୱାଧୀନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଟୁଙ୍ଗିବନ୍ଧଲୀ ଗ୍ରାମ ବରଗଛ ତଳେ ନୂଆଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ୟାମ ମେହେର କାର୍ଯ୍ୟକ୍ରମ ସଂଯୋଜନା ଓ କାର୍ତ୍ତିକ ନାଗ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଗୌନ୍ତିଆ ଯୁଧିଷ୍ଠିର ଚୌହାନ, ଏକାଦଶିଆ ନାୟକ, ଡାକ୍ତର ଉତର କୁମାର ଚୌହାନ, ପଣ୍ଡିତ ଉଦ୍ଧବ ଚରଣ ଆଚାର୍ଯ୍ୟ, ମନବୋଧ ବଣିଆଁ, ଶାରଦା ପ୍ରସାଦ ଚୌହାନ, ନବଘନ ନାୟକ, କୃଷ୍ଣଚନ୍ଦ୍ର ବିଶି ପ୍ରମୁଖ ଯୋଗଦେଇ ନୂଆଖାଇ ପର୍ବର ବୈଶିଷ୍ଟ୍ୟ ଉପରେ ଆଲୋଚନା କରି ଗ୍ରାମର ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଗ୍ରାମର ମହାଦେବ ମନ୍ଦିର ପୂଜକ ଅଶୋକ କୁମାର ମହାପାତ୍ର ଗ୍ରାମବାସୀଙ୍କୁ ଆଶୀର୍ବାଦ ଦେଇଥିଲେ। ଆରମ୍ଭରେ ସମସ୍ତେ ନିଜ ନିଜ ମଧ୍ୟରେ ଜୁହାର ଭେଟ ହୋଇଥିବା ବେଳେ ବଡମାନେ ସାନମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଶେଷରେ କାର୍ତ୍ତିକ ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତବର୍ଷ ବର୍ଷା ଭଲ ହୋଇଥିବାରୁ ନୂଆଖାଇ ପର୍ବ ପାଳନରେ ଲୋକଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା।





ଟୁଙ୍ଗିବନ୍ଧଲୀ ଗ୍ରାମରେ ଭେଟଘାଟ ଚାଲିଛି (ବାମ)। ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଗଙ୍ଗାଧର ମେହେର ନଗରରେ ନୂଆଖାଇ ଭେଟଘାଟ

ମନମୁଣ୍ଡା,୩।୯(ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଭୁଲିଆ ସମାଜ ପକ୍ଷରୁ ଗଙ୍ଗାଧର ମେହେର ନଗର (ଭୁଲିଆପଡ଼ା) ଠାରେ ମଙ୍ଗଳବାର ନୂଆଖାଇ ଭେଟଘାଟ ଧୂମଧାମରେ ପାଳିତ ହୋଇଯାଇଛି। ସମସ୍ତେ ନିଜ ଘରେ ନବାହ୍ନ ଭକ୍ଷଣ କରିବା ପରେ ଅପରାହ୍ନରେ ମନ୍ଦିର ଯାଇ ଠାକୁର ଦର୍ଶନ କରିଥିଲେ। ପଡ଼ା ତଥା ସମାଜର ବୟୋଜ୍ୟେଷ୍ଠ ବ୍ୟକ୍ତି ବଜରଙ୍ଗ ମେହେରଙ୍କ ଆବାହନ ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କ୍ରମେ ପଡ଼ାର ଶତାଧିକ ଆବାଳବୃଦ୍ଧାବୃଦ୍ଧ ଏକତ୍ରିତ ହୋଇଥିଲେ। ସାନମାନେ ବଡ଼ମାନଙ୍କୁ ଭୂମିଷ୍ଠ ଜୁହାର ଭେଟଘାଟ ହୋଇଥିବାବେଳେ ବଡ଼ମାନେ ସାନମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ସମସ୍ତେ ନୃତ୍ୟ କରି ମଉଜ ମଜଲିସ ଓ ଖୁସି ମନାଇଥିଲେ । ଏହି ପଡ଼ାରେ ପ୍ରତ୍ୟେକ ବର୍ଷ ନୂଆଖାଇ ଦିନ ହିଁ ଭେଟଘାଟ ଉତ୍ସବ ପାଳନ କରାଯାଉଥିବାରୁ ଗାଁର ଅନେକ ଲୋକ ତାହା ଦେଖିବାକୁ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ମେହେର, ପଦାରବିନ୍ଦ ମେହେର, ଦୁର୍ବାଦଳ ମେହେର, ସରୋଜ ମେହେର, ଅଶୋକ ମେହେର, ଅନ୍ତର୍ଯାମୀ ମେହେର, ଭୁବନେଶ୍ୱର ମେହେର, ପ୍ରହଲ୍ଲାଦ ମେହେର, ଗୋପାଳ ମେହେର, ଦୀପକ ମେହେର, ରାଧେଶ୍ୟାମ ମେହେର, ରାଜା ମେହେର, ଅମିତ ମେହେର ପ୍ରମୁଖ ସହଯୋଗ କରିଥିଲେ।



ଗଙ୍ଗାଧର ମେହେର ନଗରରେ ନୂଆଖାଇ ପାଳନ କରାଯାଉଛି ।

■ଭବାନୀପାଟଣା କୃଷି ମହାବିଦ୍ୟାଳୟ

## ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭବାନୀପାଟଣା,୩।୯(ଡି.ଏନ.ଏ.): କୃଷି ମହାବିଦ୍ୟାଳୟ ଅଡିଟୋରିୟମ୍‌ଠାରେ ପ୍ରଥମ ବର୍ଷର ନବାଗତଙ୍କୁ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ 'ଅତିସର୍ଗ' ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା କୃଷି ମହାବିଦ୍ୟାଳୟ ଏସୋସିଏଟ୍ ଡିନ୍ ଡ. ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ର ସଂସଦ ଉପଦେଷ୍ଟା ସହଯୋଗୀ ପ୍ରଫେସର ଉତ୍ତମ କୁମାର ବେହେରାଙ୍କ ସହିତ ଅନ୍ୟାନ୍ୟ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ନବାଗତ ଛାତ୍ରୀଛାତ୍ରମାନଙ୍କୁ ଶ୍ରଦ୍ଧା ପ୍ରଦର୍ଶନ ପୂର୍ବକ ବିଭିନ୍ନ ଉପହାର ପ୍ରଦାନ କରିବା, ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିଭିନ୍ନ ଦିଗ ଉନ୍ମୋଚନ କରିବା ସହ ସେମାନଙ୍କ ସାଧାରଣଜ୍ଞାନ ସମ୍ପର୍କରେ ଜାଣିବା ପାଇଁ ମଧ ବିଭିନ୍ନ ମନଲୋଭା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୋଟିଏପଟେ କେତେକ ମହାବିଦ୍ୟାଳୟରେ ବରିଷ୍ଠ ଛାତ୍ରମାନେ କନିଷ୍ଠ ନବାଗତଙ୍କୁ ର୍‍ୟାଗିଂ କରି ଭୟଭିତ କରୁଥିବା ବେଳେ ଭବାନୀପାଟଣା କୃଷି ମହାବିଦ୍ୟାଳୟ ବରିଷ୍ଠ ଛାତ୍ରୀଛତ୍ରମାନେ ନବାଗତଙ୍କୁ ଏଭଳି ଆତ୍ମୀୟତା ପ୍ରଦର୍ଶନ କରିବା ଏକ ଆଦର୍ଶ ପରମ୍ପରା ବୋଲି ଆଲୋଚନା ହେଉଛି।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୪ ସେପ୍ଟେମ୍ବର, ୨୦୧୯



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ଗୁଡ୍‌ଭେଲା, ତୁଷୁରାରେ ନୂଆଁଖାଇ

ଗୁଡ୍‌ଭେଲା,୨।୯(ଡି.ଏନ.ଏ.): ଭାରତୀୟ ପର୍ବପର୍ବାଣୀ ମଧ୍ୟରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇର ସ୍ୱାତନ୍ତ୍ର୍ୟ ରହିଛି। ସାରା ପଶ୍ଚିମ ଓଡିଶା ଏବେ ଉତ୍ସବ ମୁଖର ହୋଇଥିବା ବେଳେ ମଙ୍ଗଳବାର ଗାଁରୁ ସହର ସବୁଠି ପାଳିତ ହୋଇଛି ଭକ୍ତି, ଭାବ ଓ ଭାଇଚାରାର ପର୍ବ ନୂଆଁଖାଇ। ତୁଷୁରା ଏନଏସି ଓ ଗୁଡଭେଲା ବ୍ଲକ ଅଞ୍ଚଳର ଗାଁଗଣ୍ଡା ମଧ୍ୟ ଏଥିରୁ ବାଦ ପଡିନାହିଁ। ନିଜ ନିଜ ଗାଁର ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ନବାନ୍ନ ଲାଗି ପରେ ଘରେ ଘରେ ଇଷ୍ଟ ଦେବାଦେବୀଙ୍କୁ ନୂଆ ଶସ୍ୟରୁ ପ୍ରସ୍ତୁତ ପ୍ରସାଦ ଲାଗି କରାଯାଇଥିଲା। ଏହାପରେ ପରିବାରର ସମସ୍ତେ ଏକତ୍ର ବସି ଏହି ପ୍ରସାଦ ସେବନ କରିଥିଲେ। ବାହରେ ରହୁଥିବା ଲୋକମାନେ ମଧ୍ୟ ଏହି ସମୟରେ ଘରକୁ ଆସିଥିବାରୁ ଘର ଓ ଗାଁ ପୂରିଲା ପୂରିଲା ଲାଗିଥିଲା। ଏହି ଅବସରରେ ଘରେ ବଡମାନଙ୍କୁ ଛୋଟମାନେ ନୂଆଁଖାଇ ଜୁହାର କରୁଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ନାଚଗୀତ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ସମସ୍ତ ଗାଁ ଓ ସହର।

### ଶିଶୁ ପ୍ରତିଭା ସମ୍ବର୍ଦ୍ଧିତ

ଭେଡ୍ରେନ,୩।୯(ଡ଼ି.ଏନ.ଏ): ଭେଡ୍ରେନ ବ୍ଲକ ଟିଣ୍ଡି ଗ୍ରାମ ଦୁର୍ଗା ମଣ୍ଡପରେ ମଙ୍ଗଳବାର ଅପରାହ୍ନରେ ନୂଆଖାଇ ଭେଟଘାଟ ପାଳିତ ହୋଇଛି। ଟିଣ୍ଡି ଗ୍ରାମବାସୀଙ୍କ ପକ୍ଷରୁ ଡ଼ା. ସନ୍ତୋଷ କୁମାର ବାବୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଭେଟଘାଟ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଦଲେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭାଙ୍ଗକୁଦ ଗ୍ରାମର ଉଦୀୟମାନ କଣ୍ଠଶିଳ୍ପୀ ରଞ୍ଜିତା ହଂସ ଏବଂ ଟିଣ୍ଡି ଗ୍ରାମର ନବୋଦୟ ଛାତ୍ର ଅଞ୍ଜନ କୁମାର ମେହେରଙ୍କୁ ମାନପତ୍ର, ଉପାୟନ ଏବଂ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ସମାଜବାଦ, ମାନବବାଦର ମହାନ୍ ବାର୍ତ୍ତା ଦେଉଛି ଶିରାବାହାଲ ଗାଁ

# ସବୁ ଜାତିର ଲୋକେ ଏକାଠି ନୂଆଁ ଖାଇଲେ

ବଲାଙ୍ଗୀର ଅଫିସ, ୩।୯

ନୂଆଁଖାଇ ହେଉଛି ପଶ୍ଚିମ ଓଡ଼ିଶାର ଗଣପର୍ବ। ଏହା ଏକ କୃଷି ଭିତ୍ତିକ ପର୍ବ ମଧ୍ୟ। ତେବେ ଯେଉଁ ମହାନ ଉଦ୍ଦେଶ୍ୟ ନେଇ ନୂଆଁଖାଇ ତିହାରର ପରିକଳ୍ପନା ତାହାକୁ ସାକାର ରୂପ ଦେଉଛନ୍ତି ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍ ମହୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲ ଗ୍ରାମବାସୀ। ଗତ ୧୨ ବର୍ଷ ହେଲା ଏହି ଗ୍ରାମବାସୀ ଜାତି ପରମ୍ପରାକୁ ପଛରେ ପକାଇ ନୂଆଁଖାଇ ଦିନ ସମାଜବାଦ ଓ ମାନବବାଦ୍‌ର ମହାନ ବାର୍ତ୍ତା ଦେଇ ଆସୁଛନ୍ତି। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ବହୁ ଉର୍ଦ୍ଧ୍ୱକୁ ଉଠି ଏହି ଗ୍ରାମବାସୀ ସାମୂହିକ ନୂଆଁଖାଇ ପାଳନ କରି ନୂଆଁଖାଇ ତିହାରର ଅସଲ ବାର୍ତ୍ତା ଦେବାରେ ସଫଳ ହୋଇଛନ୍ତି। ଦୀର୍ଘ ୧୨ ବର୍ଷ ତଳେ ଆରମ୍ଭ ହୋଇଥିବା ଶିରାବାହାଲ ଗାଁର ଏହି ସାମୂହିକ ନୂଆଁଖାଇ ତିହାର ଏବେ ଆଖପାଖ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରୁଛି। ଏହି ଗ୍ରାମବାସୀଙ୍କ ଏଭଳି ମହନୀୟ ଉଦ୍ୟମକୁ ପ୍ରଶଂସା କରିବା ସହ ଅନ୍ୟମାନେ ପ୍ରେରଣା ପାଉଛନ୍ତି। ପ୍ରାୟ ୧୨ ବର୍ଷ ତଳେ ଏହି ଗାଁରେ ଥିବା ୫/୬ ଟି ସାହୁ ପରିବାର ଏକାଠି ମିଶି ନୂଆଁଖାଇ ପାଳନ କରିଥିଲେ। ଏହା ପରେ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ପରାମର୍ଶକ୍ରମେ ଗାଁଲୋକେ ସାମୂହିକ ନୂଆଁଖାଇ ପାଇଁ ସିଦ୍ଧାନ୍ତ ନେଇଥିଲେ। ୨୦୦୮ରେ ଗାଁରେ ପ୍ରଥମ ଥର ପାଇଁ ଏହି ନିଆରା ପରମ୍ପରା ଆରମ୍ଭ ହେଲା। ଗାଁରେ ଥିବା ଯୁବସମାଜ ଏବଂ କ୍ଲବ ସଦସ୍ୟଙ୍କ ଆନ୍ତରିକ ଉଦ୍ୟମ ଫଳରେ ଜାତି, ଧର୍ମ, ଉଚ୍ଚନୀଚ ଭେଦଭାବ ଭୁଲି ସାମୂହିକ ନୂଆଁଖାଇ ସମ୍ପୂର୍ଣ୍ଣ ସଫଳ ହୋଇଥିଲା। ଗାଁରେ ଥିବା ବିଭିନ୍ନ ଜାତିର ଲୋକେ ଏକାଠି ମିଳିମିଶି ପ୍ରତିବର୍ଷ ଗାଁ ମଝି ରାସ୍ତାରେ ବସି ନୂଆଁ ଖାଉଛନ୍ତି। ପ୍ରତିବର୍ଷ ଏଭଳି ସାମୂହିକ ନୂଆଁଖାଇ ଗାଁରେ ପାଳିତ ହୋଇଆସୁଛି। ଜାତି ଭେଦଭାବ ଭୁଲି ଗାଁର ଆବାଳବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି। ଚଳିତବର୍ଷ ମଧ୍ୟ ନୂଆଁଖାଇ ମାସକ ପୂର୍ବରୁ ସାମୂହିକ ନୂଆଁଖାଇ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗାଁର ମଧ୍ୟଭାଗରେ ଥିବା ଭାଗବତ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ନୂଆଁଖାଇ ଲଗ୍ନ ସ୍ଥିର କରାଯିବା ସହ ପ୍ରତି ପରିବାର ପିଛା କେତେ ସହଯୋଗ ରାଶି ଆଦାୟ ହେବ ତାହା ସ୍ଥିତ ହୋଇଥିଲା। ଏହାପରେ ନୂଆଁଖାଇର ୭/୮ ଦିନ ପୂର୍ବରୁ ଆଉ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସାମୂହିକ ନୂଆଁଖାଇରେ କିଭଳି ବ୍ୟଞ୍ଜନ ସବୁ ପ୍ରସ୍ତୁତ ହେବ ତାହା ସ୍ଥିର କରାଯାଇଥିଲା। ମଙ୍ଗଳବାର ସକାଳେ ବିଧିମତେ ନୂଆଁଖାଇ ଲଗ୍ନ ଅନୁଯାୟୀ, ଗାଁ ଝାଙ୍କର ଗାଁର ଗ୍ରାମଦେବୀ କନ୍ଧେନବୁଢୀ ପାଖରେ ନବାନ୍ନ ଅର୍ପଣ କରିଥିଲେ। ଗ୍ରାମଦେବୀଙ୍କ ପାଖରେ ନବାନ୍ନ ଅର୍ପଣ ପରେ ଗାଁରେ ଥିବା ଭାଗବତ ମନ୍ଦିର ପ୍ରାଙ୍ଗଣରେ ଗାଁର ପୁରୁଷ, ମହିଳା, ଛୁଆପିଲାଙ୍କ ସହ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଏକତ୍ରିତ ହୋଇ ଧାଡିରେ ବସିଥିଲେ। ପ୍ରଥମେ ଗ୍ରାମଦେବୀଙ୍କ ପାଖରେ ଅର୍ପଣ କରାଯାଇଥିବା ନବାନ୍ନକୁ ଗ୍ରାମବାସୀଙ୍କୁ ପ୍ରସାଦ ଆକାରରେ ବଣ୍ଟା ଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଭୋଜିଭାତର ଆସର। ଗାଁର ପୁରୁଷ, ମହିଳା ଓ ପିଲାଛୁଆ ଧାଡିରେ ବସିଲା ପରେ ସଭିଙ୍କୁ ସୁସ୍ୱାଦୁ ଖାଦ୍ୟପେୟ ପରସା ଯାଇଥିଲା। ମଧ୍ୟାହ୍ନ ସାଢେ ୧୨ଟାରୁ ଆରମ୍ଭ ହୋଇଥିବା ଭୋଜିଭାତ ଅପରାହ୍ଣ ୩ଟା ଯାଏ ଚାଲିଥିଲା। ଅପରାହ୍ଣରେ ନୂଆଁଖାଇ ଜୁହାର ଓ ଭେଟଘାଟ୍ ଆରମ୍ଭ ହୋଇଥିଲା। ବଡମାନଙ୍କୁ ସାନମାନେ ନୂଆଁଖାଇ ଜୁହାର ଜଣାଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଏଥିରେ ଯୋଗ ଦେଇଥିଲେ। ସମସ୍ତେ ନୂଆଁଖାଇର ଅସଲ ଉଦ୍ଦେଶ୍ୟକୁ ବୁଝି ଏହି ପରମ୍ପରାକୁ ବଜାୟ ରଖିବା ଉପରେ ବିଧାୟକ ପରାମର୍ଶ ଦେଇଛନ୍ତି।



ଶିରାବାହାଲ ଗାଁ ଦାଣ୍ଡରେ ସବୁ ବର୍ଗର ଲୋକେ ଏକାଠି ବସି ନୂଆଁ ଖାଉଛନ୍ତି।

### ନୂଆଁଖାଇ ଉପଲକ୍ଷେ ଫୁଟବଲ ମ୍ୟାଚ

ଦେଓଗାଁ,୩।୯(ଡି.ଏନ.ଏ.)

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ନେହେରୁ ଖେଳ ପଡିଆରେ ମଙ୍ଗଳବାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଏକ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ଅମିମାଂସିତ ରହିବାରୁ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଅବିବାହିତ ଦଳକୁ ହରାଇ ବିବାହିତ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ପ୍ରଶାନ୍ତ କୁମାର ପାଣ୍ଡେ ଖେଳ ପରିଚାଳନା କରିଥିଲେ। ଡା. ଶଶି ଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମ୍ୟାଚରେ ଅତିଥି ଭାବେ ଦେଓଗାଁ ବଣିକ ସଂଘର ପୂର୍ବତନ ସଭାପତି ସୁବଳ ରଣା ଯୋଗ ଦେଇଥିଲେ। ଖେଳ ପ୍ରାରମ୍ଭରେ ଦେଓଗାଁର ପୂର୍ବତନ ଫୁଟବଲ ଖେଳାଳି ସ୍ୱର୍ଗତ ଶିବ ସେଠ ଓ ବିକ୍ରମ ସୁନାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସେପରି ଜରାସିଂହା ମିନିଷ୍ଟାଡିୟମରେ ମଧ୍ୟ ଗାଁର ୮ଟି ପଡାକୁ ନେଇ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖେଳାଳି ସୁନ୍ଦରମଣି ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିବଶଙ୍କର ପଡାକୁ ହରାଇ ବାହାରପଡା ୨-୦ ଗୋଲରେ ବିଜୟୀ ହୋଇଛି। କପିଳେଶ୍ୱର ନାଏକ ଓ ସତ୍ୟ ଦଣ୍ଡସେନା ଖେଳ ପରିଚାଳନା କରିଥିଲେ।

**ଆଜି କ'ଣ କେଉଁଠି**
ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଶିରାବାହାଲରେ ନୂଆଁଖାଇ ଭେଟ୍‌ଘାଟ୍

ଦେଓଗାଁ,୩।୯(ଡି.ଏନ.ଏ.)

ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲରେ ମଙ୍ଗଳବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବ ସଂଗଠନ ଆୟୋଜନରେ ଅନୁଷ୍ଠିତ ଭେଟଘାଟ କାର୍ଯ୍ୟକ୍ରମକୁ ବିଧାନ ବିଶ୍ୱାଳ ସଂଯୋଜନା କରିଥିଲେ। ଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟ ତଥା ଜରାସିଂହା କୃଷି ସେବାସମବାୟ ସମିତି ସଭାପତି ସୁରେଶ କୁମାର ମେହେର, ସରପଞ୍ଚ କାହ୍ନୁ ଚରଣ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗାଁର ସୀତାରାମ ସ୍ୱୟଂ ସହାୟକ ଦଳର ଦୁର ମେହେର ଓ ମାଳତୀ ବିଶ୍ୱାଳ, ସେନା କର୍ମଚାରୀ ଦିନବନ୍ଧୁ ସା, ଦଶମ ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରିଥିବା ପୂର୍ଣ୍ଣିମା କହଁର, ସପ୍ତମ ଶ୍ରେଣୀରେ ପ୍ରଥମ ହୋଇଥିବା ଛାତ୍ର ବିଶ୍ୱମ୍ଭର କପାଟ, ଗଉଁନ୍ତିଆ ପୁଷ୍ପକାନ୍ତ ବିଶ୍ୱାଳ, ଗାଁର ବୟୋଜ୍ୟେଷ୍ଠ ଅନାଦି ସା, କେତ ନାଏକ, ଚାଷୀ କେଶବ ବକୁଳ, ଧନଞ୍ଜୟ ବିଶ୍ୱାଳ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଜୟନ୍ତ ପରୁଆ, ମଧୁ କପାଟ, କାହ୍ନା ବକୁଳ, ଅଙ୍କିତ କପା, ପଙ୍କଜିନି ଷାଣ୍ଢ ଓ ମାଧୁରୀ ଜାନୀ ପ୍ରମୁଖ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ ପୋଢ଼ ଧନ୍ୟବାଦ ଦେଇଥିଲେ। ମୁନା ବିଶ୍ୱାଳ, ରଶ୍ମି ବିଶ୍ୱାଳ, ରବୀନ୍ଦ୍ର ଷାଣ୍ଢ, ସୁଦାମ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ଗଣପତି ଲୁହୁରା, ପ୍ରତାପ ବିଶ୍ୱାଳ, ରାମଚନ୍ଦ୍ର ପରୁଆ ପ୍ରମୁଖ ସହଯୋଗ କରିଥିଲେ।




ଶିରାବାହାଲରେ ନୂଆଁଖାଇ ଭେଟଘାଟ ଉପଲକ୍ଷେ ଗାଁର ସୀତାରାମ ଏସ୍‌ଏଚ୍‌ଜିକୁ ସମ୍ମାନିତ କରାଯାଉଛି।

## ବିନିକାରେ ପାଳିତ ହେଲା ନୂଆଁଖାଇ

ବିନିକା,୩।୯(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଓ ପୌର ଅଞ୍ଚଳରେ ସଂସ୍କୃତି, ଐତିହ୍ୟର ପର୍ବ ନୂଆଁଖାଇ ମଙ୍ଗଳବାର ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଇଷ୍ଟଦେବୀଙ୍କ ପାଖରେ ନୂଆ ଲାଗି ପରେ ସମସ୍ତେ ନବାନ୍ନ ଭକ୍ଷଣ କରିଥିଲେ। ଘରେଘରେ ପିଠା, ପଣା ଓ ରକମ ରକମର ସୁସ୍ୱାଦୁ ବ୍ୟଞ୍ଜନର ସମ୍ଭାର। ପରିବାରର ସଦସ୍ୟମାନେ ଏକ ହୋଇ ଭୋଜନ ପରେ ଆରମ୍ଭ ହୋଇଥିଲା ଜୁହାର ଭେଟ କାର୍ଯ୍ୟକ୍ରମ। ଝାଙ୍କରମାନେ ପୂଜାର୍ଚ୍ଚନା ପରେ ଘରଘର ଯାଇ ନୂଆଁଧାନ ଭୋଗ ଦେଇଥିଲେ। କୃଷକମାନେ ନିଜ ଧାନ ଖେତକୁ ଯାଇ ଅର୍ଣ୍ଣପୂର୍ଣ୍ଣାଙ୍କୁ କ୍ଷୀରଚାଉଳ ଅର୍ପଣ କରିଥିଲେ।

### ବଲାଙ୍ଗୀରରେ ଉତ୍ସାହ ଉଦ୍ଦୀପନା ସହ ନୂଆଁଖାଇ ପାଳିତ

# ରୋମାଞ୍ଚିତ କଲା ନୂଆଁଖାଇ ଜୁହାର ଭେଟ

ବଲାଙ୍ଗୀର ଅଫିସ, ୩।୯

- ଗାଁ ଇଷ୍ଟ ଦେବଦେବୀଙ୍କୁ ନବାନ୍ନ ଅର୍ପଣ
- ରାଜପରିବାର ନୂଆଁଖାଇ ପାଳିଲା

ବଲାଙ୍ଗୀରରେ ମଙ୍ଗଳବାର ଉତ୍ସାହ ଉଦ୍ଦୀପନାର ସହ ଗଣପର୍ବ ନୂଆଁଖାଇ ପାଳନ କରାଯାଇଛି। ଶୁକ୍ରବାର ସକାଳୁ ସମଗ୍ର ବଲାଙ୍ଗୀର ସହର ଚଳଚଞ୍ଚଳ ହୋଇ ଉଠିଥିଲା। ସହରର ଇଷ୍ଟଦେବୀ ପାଟଣେଶ୍ୱରୀ, ସମଲେଶ୍ୱରୀ ମନ୍ଦିରରେ ପାରମ୍ପରିକ ବିଧି ଅନୁସାରେ ନୂଆଁଖାଇ ଲଗ୍ନରେ ନୂଆଚୁଡା ଓ ନବାନ୍ନ ଲାଗିଥିଲା। ଏହା ସହିତ ସହରର ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ବିଧି ଅନୁଯାଇ ପୂଜାର୍ଅର୍ଚ୍ଚନା ଓ ନବାନ୍ନ ଲଗାଯାଇଥିଲା। ବିଭିନ୍ନ ପଡାରେ ଉତ୍ସବର ମାହୋଲ ଦେଖା ଦେଇଥିଲା। ପ୍ରତି ଘରେ ପାରମ୍ପରିକ ରୀତିନୀତିରେ ନିଜ ଇଷ୍ଟ ଦେବଦେବୀଙ୍କଠାରେ ନବାନ୍ନ ଲଗାଯିବା ପରେ ପରିବାର ସଦସ୍ୟମାନେ ମିଳିମିଶି ନୂଆଁ ଖାଇଥିଲେ। ଏହାପରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛତାମଖନାରେ ବଲାଙ୍ଗୀର ବିଧାୟକ ନରିସିଂହ ମିଶ୍ରଙ୍କ ସପରିବାର ଏକାସାଙ୍ଗରେ ନୂଆଁଖାଇ ଥିଲେ। ଶୈଳେଶ୍ରୀ ପ୍ୟାଲେସରେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ଏମ୍‌ପି ସଙ୍ଗୀତା ସିଂଦେଓ, ପୂର୍ବତନ ବିଧାୟକ ଅନଙ୍ଗ ଉଦୟ ସିଂଦେଓ, କନକଙ୍କ ଝିଅ ନିବୃତି ସିଂଦେଓ ମିଳିତ ଭାବରେ ନୂଆଁ ଖାଇଥିଲେ। ନୂଆଁଖାଇ ସାରିବା ପରେ ଜନ ସାଧାରଣ ନିଜ ଘରୁ ବାହାରି ଜୁହାର ଭେଟ ହୋଇଥିଲେ। ସାମୂହିକ ଜୁହାର ଭେଟ ଦୃଶ୍ୟ ସହରରେ ଭାବାବେଗପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ ଧରି ଲୋକମାନେ ନୂଆଁଖାଇ ସମ୍ପର୍କରେ ଆଲୋଚନା କରିବା ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ପଡାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। ଆଖପାଖ ଗାଁରେ ମଧ୍ୟ ଉତ୍ସାହର ସହିତ ନୂଆଁଖାଇ ପାଳିତ ହୋଇଛି। ଆଠଗାଁ ନିକଟସ୍ଥ ମାହାଦେବ ପାଲିଠାରେ ଆଦିବାସୀ ସଂସ୍କୃତି ଅନୁଯାୟୀ ପାରିମ୍ପରିକ ରୀତିରେ ନିଜ ଇଷ୍ଟଦେବୀଙ୍କୁ ପୂଜା କରି ନୂଆଁଖାଇ ପାଳନ କରାଯାଇଛି। କୁରୁଲ, ଭାଲେର, ମହିମୁଣ୍ଡା, ପୁଇଁନ୍ତଲା, ଗଇଁନ୍ତଲା, ଚନ୍ଦନ ଭାଟି, ଚୁଡାପାଳି, ଶିବତଲା, ସାହାଜବାହାଲ, ଭୁତେଆର ବାହାଲ, କୁଡାସିଂହା, ଦେଓଗାଁ, ଜରାସିଂହା, ସାଲେପାଳି, ତୁଷରା, ସଇଁନ୍ତଲା, ଟିଟିଲାଗଡ, ସିନ୍ଧେଇକେଲ, ବଙ୍ଗୋମୁଣ୍ଡା, କଣ୍ଟାବାଞ୍ଜି, ତୁରେଇକେଲା, ବେଲପଡା, ଲାଠୋର, ଖପରାଖୋଲ, ପାଟଣାଗଡ, ଆଗଲପୁର, ଲୋଇସିଂହା, ଗୁଡଭେଲା, ଟିକ୍ରାପଡା, ମୁରିବାହାଲ ଅଞ୍ଚଳରେ ମହାସମାରୋହରେ ଏବଂ ଶାନ୍ତିଶୃଙ୍ଖଳାର ସହ ନୂଆଁଖାଇ ପାଳିତ ହୋଇଛି।

## ପାଣିରେ ବୁଡ଼ି ୨ ଭଉଣୀ ମୃତ

ବାରିପଦା ଅଫିସ/ କୁଳିଅଣା, ୩।୯ (ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଚାନ୍ଦୁଆ ଗ୍ରାମରେ ମଙ୍ଗଳବାର ପାଣିରେ ବୁଡ଼ି ୨ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ଦ୍ୱୟ ହେଲେ ମଦନ ବେଶ୍ରାଙ୍କ ଝିଅ ପାୟଲ (୨) ଓ ବିଶ୍ୱନାଥ ବେଶ୍ରାଙ୍କ ଝିଅ ଝାନସୀ (୩)। ସେମାନେ ସମ୍ପର୍କୀୟ ୨ ଭଉଣୀ ବୋଲି ଜଣାପଡ଼ିଛି। ସକାଳେ ଘର ନିକଟରେ ଉଭୟ ଖେଳୁଥିବା ସମୟରେ ପାଖ ରାସ୍ତା କଡ଼ରେ ଥିବା ଖାଲକୁ ଚାଲିଯାଇଥିଲେ। ସେମାନଙ୍କ ଗୋଡ଼ ଖସିଯିବାରୁ ଖାଲରେ ଥିବା ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରି ପାଣିରୁ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ଲୋଇସିଂହା କୁଷ୍ଠାଶ୍ରମରେ ନୂଆଁଖାଇ

ଲୋଇସିଂହା,୪।୯(ଡି.ଏନ.ଏ.)

କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଇଁ ମଙ୍ଗଳବାର ପଶ୍ଚିମ ଓଡିଶାର ପୁରପଲ୍ଲୀ ଚଳଚଞ୍ଚଳ ହୋଇପଡିଥିଲା। ଏହି ମହାନ ପର୍ବରେ ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ କୁଷ୍ଠାଶ୍ରମର ଅନ୍ତେବାସୀ ସାମିଲ ହୋଇ ଉତ୍ସାହ ସହ ନୂଆଁଖାଇ ପାଳନ କରିଛନ୍ତି। ୩୫ଜଣ ସଦସ୍ୟ ଏକାଠି ନୂଆଁଖାଇ ସମାଜ ପାଇଁ ଏକ ଭିନ୍ନ ବାର୍ତ୍ତା ସୃଷ୍ଟି କରିଛନ୍ତି।

ମଙ୍ଗଳବାର ସକାଳ ୯ଟାରେ ପଦ୍ମାଭୋଇ, ଗୋପା ସେଠ, ନଇ କାଲସାଏ ପ୍ରମୁଖ ଗଧାପଧା ସାରି ପ୍ରସ୍ତୁତି କରିଥିଲେ। ଆଉ କେତେକ ମହିଳା ଚଲୁ ଧରାଇ ରନ୍ଧାବଢା ପାଇଁ ପ୍ରସ୍ତୁତି କରିଥିଲେ। ପୂଜକ ମେଘ ସାହୁ ଇଷ୍ଟଦେବୀ ମା କାଳିକାଙ୍କଠାରେ ନୂଆ ଧାନରୁ ପ୍ରସ୍ତୁତ ନୂଆକୁଣା ଲଗି ପାଇଁ ପ୍ରସ୍ତୁତ ହୋଇଥିଲେ। ନୂଆଁଖାଇ ସାରିଲା ପରେ ଛୁଟମାନେ ବଡମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ଅପରାହ୍ନରେ ଲୋଇସିଂହା ସହରକୁ ଯାଇ ଜୁହାର ଭେଟ ହୋଇଥଲେ। ଏବେ ୧୬ ଜଣ ରୋଗୀ ଓ ତାଙ୍କ ପରିବାରର ୩୫ ଜଣ ସଦସ୍ୟ ରହୁଛନ୍ତି। ପଞ୍ଚାୟତରୁ ୩୫ କେଜି ଚାଉଳ ଓ ୫ଶହ ଭତ୍ତା ମିଳୁଛି। ହେଲେ ପୂର୍ବରୁ ମିଳୁଥିବା ଅନ୍ୟାନ୍ୟ ସସୁବିଧା ଆଉ ମିଳୁନାହିଁ। କେତେକ ଅନ୍ତେବାସୀ ଛେଳି ପାଳନ କରି ପରିବାର ପରିପେଷଣ କରୁଥିବାବେଳେ ଆଉ କେତେକ ଭିକ୍ଷା ବୃତ୍ତି କରି ଚଳୁଛନ୍ତି। ସମାଜରୁ ବାସନ୍ଦ ଜୀବନ ବିତାଉଥିଲେ ସୁଦ୍ଧା ସେମାନେ ସମାଜିକ ପରମ୍ପରାକୁ ଭୁଲିନାହାନ୍ତି। ତେବେ ୧୦ ବର୍ଷ ହେଲା ବ୍ଲକରୁ ଏମାନଙ୍କୁ ଚାଉଳ, ସାବୁନ, ସର୍ଫ ଇତ୍ୟାଦି ସାମଗ୍ରୀ ମିଳୁଥିଲା। ଏମାନଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗରୁ ଜଣେ ସ୍ୱତନ୍ତ୍ର କର୍ମଚାରୀ ମଧ୍ୟ ରହୁଥିଲେ। ଏବେ ଆଉ ନାହାନ୍ତି। ନୂଆଁଖାଇ ସମୟରେ ବିଭିନ୍ନ ସଂସ୍ଥା ଆସି ଦାନଧର୍ମ କରୁଥିଲେ। ଏବେ ଆଉ କେହି ଆସୁ ନାହାନ୍ତି ବୋଲି ଲକ୍ଷବଇ କାଲସାଏ, ସୁରୁ ଭୋଇ, ପରମେଶ୍ୱର ପଟେଲ, ସାନନ୍ଦ ପୁଟେଲ ଏବଂ ନଳୀନ୍ଦ୍ର ପୁଟେଲ ପ୍ରମୁଖ କହନ୍ତି।



କୁଷ୍ଠାଶ୍ରମ ଅନ୍ତେବାସୀ ନୂଆଁଖାଇ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

## କୃଷି ସେବା ସମବାୟ ସମିତି ନିର୍ଦ୍ଦେଶକଙ୍କ ପରଲୋକ



ଦେଓଗାଁ,୩।୯(ଡି.ଏନ.ଏ.)

ଦେଓଗାଁ ବ୍ଲକ ଅନ୍ତର୍ଗତ ଭାଜପା ଦେଓଗାଁ ଜୋନ୍ ଏସ୍‌ସି ମୋର୍ଚ୍ଚା ସଭାପତି ତଥା ଦେଓଗାଁ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକ ବିକ୍ରମ ସୁନାଙ୍କ ପରଲୋକ ହୋଇଯାଇଛି। ମଙ୍ଗଳବାର ସ୍ଥାନୀୟ ସୋନଗଡ ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ଦେଓଗାଁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ହଷ୍ଟେଲ ୩ୟ ମହଲାରୁ ଡେଇଁ ଯୁବତୀ ଗୁରୁତର

ଅନୁଗୋଳ ଅଫିସ, ୩।୯: ଅନୁଗୋଳ ସହରସ୍ଥିତ ଏକ ମହିଳା ହଷ୍ଟେଲରେ ରହୁଥିବା ଜଣେ ବାନ୍ଧବୀଙ୍କ ନିକଟକୁ ମଙ୍ଗଳବାର ବୁଲି ଆସିଥିବା ଢେଙ୍କାନାଳ ଅଞ୍ଚଳର ଜନୈକା ଯୁବତୀ ହଠାତ୍ ୩ୟ ମହଲାରୁ ତଳକୁ ଡେଇଁ ଗୁରୁତର ହୋଇଛନ୍ତି। ତାଙ୍କୁ ଖୋଜିବାକୁ ହଷ୍ଟେଲ ନିକଟରେ ପହଞ୍ଚିଥିବା ମା' ବାପା ଝିଅକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। କେଉଁ କାରଣ ପାଇଁ ଯୁବତୀ ଜଣକ କୋଠାରୁ ଡେଇଁ ପଡ଼ିଲେ ତାହା ଏଯାଏ ସ୍ପଷ୍ଟ ହୋଇ ନ ଥିବା ବେଳେ ଏ ନେଇ ଅନୁଗୋଳ ଥାନାରେ ମଧ୍ୟ ଅଭିଯୋଗ ହୋଇନାହିଁ। ପୋଲିସ ଘଟଣାର ଖୋଳତାଡ଼ କରିବା ସହ ହଷ୍ଟେଲ ମାଲିକଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି।

## ଫଟୋରେ ଖବର







ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରରେ ପାରମ୍ପରିକ ବିଧି ଅନୁସାରେ ନୂଆଁଖାଇ ଲଗ୍ନରେ ନୂଆଚୁଡା ଓ ନବାନ୍ନ ଅର୍ପଣ କରାଯାଉଛି (ବାମ)। ନୂଆଁଖାଇ ଲଗ୍ନରେ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷାରତ ଶ୍ରଦ୍ଧାଳୁ (ମଝି)। ବଲାଙ୍ଗୀର ସୁଦପଡା ପୋଷ୍ଟଅଫିସ ଛକରେ ଗଣେଶ ପୂଜା ଅବସରରେ ପୂଜା ପାଉଥିବା ବିଦ୍ୟାଦାତା ପ୍ରଭୁ ଗଣେଶ। (ଫଟୋ – ସୁନୀଲ)



"ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ

### ଆନନ୍ଦ ଉଲ୍ଲାସର ସହ ନୂଆଁଖାଇ ପାଳନ

**ମୋହନଗିରି,୩।୯(ଡି.ଏନ.ଏ.):** ସମଗ୍ର ପଶ୍ଚିମ ଓଡିଶାରେ ପାଳିତ ହେଉଥିବା କୃଷିଭିତିକ ଗଣପର୍ବ ନୂଆଁଖାଇ ଆଜି କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଅଞ୍ଚଳରେ ଧୁମଧାମର ସହିତ ନୂଆଁଖାଇ ପାଳିତ ହୋଇଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଧବଳେଶ୍ୱର ପୀଠ ଓ ଶ୍ରୀଜଗନ୍ନାଥ ମନ୍ଦିରରେ ନୂଆଁ ଧାନର ଚୁଡା ଭୋଗ ଲାଗି ହେବା ପରେ ଅଞ୍ଚଳବାସୀ ନିଜ ଇଷ୍ଟ ଦେବଦେବୀଙ୍କୁ ନୂଆଁ ଧାନ ଚୁଡା ଭୋଗ ସର୍ମପଣ କରିବା ସହିତ ପୂଜା କରିଥିଲେ। ଏହା ପରେ ପରିବାର ସମସ୍ତେ ଏକାଠି ମିଶି ନୂଆଁ ଖାଇଥିଲେ। ନୂଆଁଖିଆ ସରିବା ପରେ ବୟସ୍କମାନଙ୍କୁ ଜୁହାର କରି ସମସ୍ତେ ଆର୍ଶିବାଦ ନେଇଥିଲେ। ତେବେ ଶାନ୍ତି ପୂର୍ଣ୍ଣ ଭାବେ ନୂଆଁ ଖିଆ ସରିଥିବା ବେଳେ ବୁଧବାର ନୂଆଁଖାଇବାସି ମାନିବା ପାଇଁ ସମସ୍ତଙ୍କ ଅପେକ୍ଷା କରିଛନ୍ତି ।

■ଭବାନୀପାଟଣା କୃଷି ମହାବିଦ୍ୟାଳୟ

### ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଭବାନୀପାଟଣା,୩।୯(ଡି.ଏନ.ଏ.):** ଭବାନୀପାଟଣା କୃଷି ମହାବିଦ୍ୟାଳୟ ଅଡିଟୋରିୟମ୍‌ଠାରେ ପ୍ରଥମ ବର୍ଷର ନବାଗତଙ୍କୁ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ 'ଅତିସର୍ଗ' ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା କୃଷି ମହାବିଦ୍ୟାଳୟ ଏସୋସିଏଟ୍ ଡିନ୍ ଡ. ଶାନ୍ତନୁ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ର ସଂସଦ ଉପଦେଷ୍ଟା ସହଯୋଗୀ ପ୍ରଫେସର ଉତ୍ତମ କୁମାର ବେହେରାଙ୍କ ସହିତ ଅନ୍ୟାନ୍ୟ ଅଧାପିକାଅଧାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ନବାଗତ ଛାତ୍ରୀଛାତ୍ରମାନଙ୍କୁ ଶ୍ରଦ୍ଧା ପ୍ରଦର୍ଶନ ପୂର୍ବକ ବିଭିନ୍ନ ଉପହାର ପ୍ରଦାନ କରିବା, ସେମାନଙ୍କ ମଧରେ ଥିବା ଲୁକ୍କାୟିତ ପ୍ରତିଭା ବିଭିନ୍ନ ଦିଗ ଉନ୍ମୋଚନ କରିବା ସହ ସେମାନଙ୍କ ସାଧାରଣଜ୍ଞାନ ସମ୍ପର୍କରେ ଜାଣିବା ପାଇଁ ମଧ ବିଭିନ୍ନ ମନଲୋଭା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ କନିଷ୍ଠମାନଙ୍କ ପ୍ରତି ବରିଷ୍ଠମାନଙ୍କ ଥିବା ଅହେତୁକ ସ୍ନେହ ପ୍ରଦର୍ଶନ ହିଁ ଏକମାତ୍ର ଉଦ୍ଦେଶ୍ୟ ଥିବା ଜଣାପଡିଥିଲା। ଗୋଟିଏପଟେ କେତେକ ମହାବିଦ୍ୟାଳୟରେ ବରିଷ୍ଠ ଛାତ୍ରମାନେ କନିଷ୍ଠ ନବାଗତଙ୍କୁ ର୍‍ୟାଗିଂ କରି ଭୟଭିତ କରୁଥିବା ବେଳେ ଭବାନୀପାଟଣା କୃଷି ମହାବିଦ୍ୟାଳୟ ବରିଷ୍ଠ ଛାତ୍ରୀଛତ୍ରମାନେ ନବାଗତଙ୍କୁ ଏଭଳି ଆତ୍ମୀୟତା ପ୍ରଦର୍ଶନ କରିବା ଏକ ଆଦର୍ଶ ପରମ୍ପରା ବୋଲି ଆଲୋଚନା ହେଉଛି।



କର୍ଲାମୁଣ୍ଡା ବ୍ଲକ ରିଞ୍ଜାଠାରେ ଏକାଠି ନୂଆଁଖାଉ ଥିବାର ଦୃଶ୍ୟ।



କେସିଙ୍ଗା ଅଞ୍ଚଳର ଏକ ମାଝି ପରିବାର ଏକତ୍ରିତ ହୋଇ ନୂଆଁ ଖାଉଛନ୍ତି।

# ସବୁଠି ନୂଆଁଖାଇର ମହକ

**କେସିଙ୍ଗା,୩।୯(ଡି.ଏନ.ଏ.)**

■ଗ୍ରାମ ଦେବତାଙ୍କ ନିକଟରେ ବଳି
■ଧରଣୀ ପୂଜାର୍ଚ୍ଚନାରେ ନୂଆଁଖାଇ

ପଶ୍ଚିମ ଓଡ଼ିଶାର ଇଷ୍ଟଦେବୀ ମା' ସମଲେଇଙ୍କ ନିକଟରେ ନବାନ୍ନ ଲାଗିବା ପରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଥିବା ବାଲସି ଗ୍ରାମରେ ମଙ୍ଗଳବାର ଗ୍ରାମଦେବତା କନ୍ଧାଡୁଙ୍ଗର ବୁଢ଼ାଙ୍କ ନିକଟରେ ଛେଳି, କୁକୁଡ଼ା, ବତକ ବଳି ପଡ଼ିଥିଲା। ଗ୍ରାମର ଜାନୀ ଘରେ ଥିବା ଧରଣୀ ମନ୍ଦିରରେ ନୀତିନିୟମ ଅନୁସାରେ ପୂଜା ଅର୍ଚ୍ଚନା ସମ୍ପୂର୍ଣ୍ଣ ହୋଇଥିଲା। ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିରରେ ନୀତିକ୍ରାନ୍ତି ପରେ ଗ୍ରାମର ଜାନୀ ଘରେ ପ୍ରଥମେ ନୂଆଁ ଖାଇଥିଲେ। ଏହାପରେ ବାଲସି ଗ୍ରାମର ୪ ହଜାର ଲୋକ ନୂଆଁ ଖାଇଥିଲେ। ଗତ ସୋମବାର ସକାଳ ୭ଟାରେ ଗ୍ରାମର ଜାନୀଙ୍କ ସମେତ ତାଙ୍କ ସହଯୋଗୀଙ୍କ ସହିତ ପ୍ରତ୍ୟେକ ଘର ଘର ବୁଲି ଅରୁଆ ଚାଉଳ ସଂଗ୍ରହ କରାଯାଇ କନ୍ଧାଡୁଙ୍ଗର ବୁଢ଼ାଙ୍କୁ ପୂଜା କରାଯାଇଥିଲା। ବାଲସି ଗ୍ରାମର ଇଷ୍ଟଦେବତା କନ୍ଧାଡୁଙ୍ଗର, ମାଉଳି, ବଜରଗଡ଼, ଗବରା, କଳେନ ବୁଢ଼ା, କଳେନ ବୁଢ଼ୀଙ୍କୁ ମଙ୍ଗଳବାର ସକାଳେ ନୀତି ନିୟମ ଅନୁସାରେ ପୂଜାଅର୍ଚ୍ଚନା କରାଯାଇଥିଲା। ସେହିପରି କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ମଙ୍ଗଳବାର ନୂଆଁଖାଇ ପାଳିତ ହୋଇଯାଇଛି। ଅପରାହ୍ନରେ ନୂଆଁଖାଇ ସରିବା ପରେ ଗ୍ରାମର ବୈଜ୍ୟେଷ୍ଠ ଲୋକଙ୍କଠାରୁ କନିଷ୍ଠମାନେ ଆଶିର୍ବାଦ ନେଇଥାନ୍ତି। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ୩ ଦିନ ପର୍ଯ୍ୟନ୍ତ ନୂଆଁଖାଇବାସୀ ପାଳନ କରାଯାଇଥାଏ। ପ୍ରତ୍ୟେକ ଲୋକେ ନୂଆଁ ଧାନର ଚୁଡ଼ା ଖାଇବା ପରେ ନୂତନ ବସ୍ତ୍ର, ଅଳଙ୍କାର, ରଙ୍ଗବେରଙ୍ଗର ପୋଷାକ ପିନ୍ଧି ୩ ଦିନ ବ୍ୟାପି ମହାସମାରୋହରେ ପାଳନ କରାଯାଇଥାଏ। ଏହି ତିନିଦିନ ଧରି ପିଠା, ଖିରି, ମାଛ, ମାଂସ ରୁଚି ଅନୁସାରେ ଯିଏଯାହା ଖାଇଥାନ୍ତି। ନାଚ, ଗୀତରେ ଆନନ୍ଦ ଉଲ୍ଲାସରେ ଦିନ କାଟିଥାନ୍ତି। ନୂଆଁଖାଇ ସରିବା ପରେ ସମସ୍ତେ ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ଯାଇ ପୁରୁଷ, ମହିଳା ସମସ୍ତେ ଦର୍ଶନ କରିଥିଲେ। ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ ଚାଲିଛି। ଯୁବ ଓ ଛାତ୍ରମାନଙ୍କ ମଧରେ ବିଭିନ୍ନ ଖେଳ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା।

### ଧୁମ୍‌ଧାମରେ ପାଳିତ ହେଲା ନୂଆଁଖାଇ

**କର୍ଲାମୁଣ୍ଡା,୩।୯(ଡି.ଏନ.ଏ.):** ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ମଙ୍ଗଳବାର ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଙ୍ଗାଲି, ସାଲେପାଲି, କୁର୍ଗୁଲା, ସପଲହରା, ଖଲିଆପାଲି ଭଳି କେତେକ ଗ୍ରାମରେ ଗାଁ ଲୋକଙ୍କ ନିଷ୍ପତ୍ତିକ୍ରମେ ରାଗରୋଷ ଭୁଲି ଏକାଠି ବସି ସମସ୍ତେ ନବାନ୍ନ ଭକ୍ଷଣ କରଥିଲେ। ଅଧିକାଂଶ ଗ୍ରାମରେ ନୂଆଁଖାଇ ଭେଟଘାଟ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତାଗୁଡିକ ଅନୁଷ୍ଠିତ ହୋଇଯାଇଛି। ସେହିପରି ରିଞ୍ଜା ବସ୍ତିଠାରେ ଗଣେଶ ପୂଜା କମିଟି ପକ୍ଷରୁ ଅପରାହ୍ନରେ ଗାଁର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତେବେ ସନ୍ଧ୍ୟାରେ ହେମନ୍ତ ଦଳପତିଙ୍କ ଦ୍ୱାରା ରଚିତ ଓ ରିପୁଦମନ ସୌରଭ ମିଶ୍ରଙ୍କ ନିର୍ଦ୍ଦେଶନାରେ 'ଆମେ ନାଟ୍ କରୁମୁଁ' କୋଶଲି ଭାଷା ନାଟକ ପୂଜା କମିଟିର ସଦସ୍ୟ ବିକ୍ରମ ସାହୁ, ରିଙ୍କୁ ସାହୁ, ଦୀପକ ସେଲମା, ସୁରେଶ ସାହୁ, ଦୁଖବନ୍ଧୁ ସାହୁ, ହେମାନନ୍ଦ ସାହୁ, ମହେନ୍ଦ୍ର ସାହୁ, ସୁମନ୍ତ ସାହୁ, ମାନସୀ ସାହୁ, ସରସ୍ୱତୀ ସାହୁ ପ୍ରମୁଖ କଳାକାରମାନଙ୍କୁ ନେଇ ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ଥିବା ଗଣେଶ ପୂଜା କମିଟି ପକ୍ଷରୁ କୁହାଯାଇଛି।

### ଖିରି, ପିଠାରେ ମହକିଲା

**ରିଷିଡ଼ା,୩।୯(ଡି.ଏନ.ଏ.):** ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ମଙ୍ଗବାରରେ ସମାରୋହରେ ପାଳିତ ହୋଇଯାଇଛି। ରିଷିଡ଼ାରେ ପୂର୍ବାହ୍ନ ୧୦ଟା ୧୦ ମିନିଟରୁ ୧୦ଟା ୪୫ ମିନିଟରେ ନିଜନିଜ ଇଷ୍ଟଦେବଦେବୀଙ୍କୁ ନବାନ୍ନ ଅର୍ପଣ କରିବା ପରେ ପରିବାର ଏକତ୍ର ମିଶି ନବାନ୍ନ ଭକ୍ଷଣ କରିଥିଲେ। କର୍ଲାମୁଣ୍ଡା ବ୍ଲକ ରିଷିଡ଼ା, ଗଜବାହାଲ, ପୌରକେଲା, ତେରେସିଂହା, ରାଜପୁର, ବୋରପଦର, ସ.ମାଲପଡା, ସାପଲହରା, ରେଗେଡ଼ା, ଯୋରାଡ଼ବ୍ରା ଆଦି ଅଞ୍ଚଳରେ ସ୍ଥାନୀୟ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରିବା ପରେ ନିଜ ପରିବାର ସହିତ ନବାନ୍ନ ଭକ୍ଷଣ କରିଥିଲେ। ନୂଆଖାଇ ପର୍ବରେ ସାମାଜିକ ଗ୍ରାମ୍ୟ ଏକତା ପ୍ରତିଷ୍ଠା ହେଉଥିବା ସମୟରେ ପଶ୍ଚିମ ଓଡିଶାର କ୍ଷିରୀ, ପିଠାର ଏକତ୍ର ସମାରୋହ ହୋଇଥାଏ। ଏହି ଉତ୍ସବରେ କ୍ଷୀର, ଚାଉଳ, ଚିନି ମିଶ୍ରିତ କ୍ଷିରୀ ଏବଂ ସୁଜି, ଅଟା, ଚାଉଳରେ ପିଠା ତିଆରି କରାଯାଏ। କୁରେଇ ପତ୍ରରେ ନିର୍ମିତ ସ୍ୱତନ୍ତ୍ର ଠୋଲା (ଦନା)ରେ ପ୍ରଥମେ ନୂଆ ଚୁଡ଼ା, କ୍ଷିରୀ, ପିଠା ନିଜ ଇଷ୍ଟଦେବୀଙ୍କୁ ଅର୍ପଣ କରି ନିଜେ ଗ୍ରହଣ କରିଥାନ୍ତି । ନୂଆଁଖାଇ ଏକ କୃଷି ଭିତିକ ପର୍ବ ହୋଇଥିବା ଯୋଗୁ ଏହି ପର୍ବରେ ଚାଷୀଠାରୁ ଆରମ୍ଭ କରି ସମସ୍ତେ ସାମିଲ ହୋଇଥାନ୍ତି। ପ୍ରତି ଗାଁ ଗାଁରେ ପିଠାପଣାର ସୁଅ ଛୁଟିଥାଏ। ପିଠା ନୂଆଁଖାଇ ବାସି ଦିନ ପର୍ଯ୍ୟନ୍ତ ରଖାଯାଇ ଖିଆଯାଇଥାଏ। ଏହି ବ୍ଲକର ରିଷିଡ଼ା, ତେରେସିଂହା ଆଦି ଅଞ୍ଚଳରେ ନୂଆଁଖାଇ ଭେଟଘାଟ ଆୟୋଜନ କରାଯାଉଛି। ଏଥିରେ ଲୋକଗୀତ, ଲୋକ ସଂସ୍କୃତି ଝଲକ ଦେଖିବାକୁ ମିଳିଥାଏ ।



କର୍ଲାମୁଣ୍ଡା ବ୍ଲକ ରିଞ୍ଜାଗ୍ରମାଠାରେ ଚୌକି ବସା ପ୍ରତିଯୋଗିତାର ଦୃଶ୍ୟ।



ରିଷିଡ଼ାରେ ପରିବାର ଏକତ୍ର ମିଶି ନବାନ୍ନ ଭକ୍ଷଣ କରୁଛନ୍ତି ।



ବାଲସି ଗ୍ରାମରେ ନୂଆଁଖାଇ ସରିଲା ପରେ ମହିଳାମାନଙ୍କ ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ

## ଭବାନୀପାଟଣାର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ

**ଭବାନୀପାଟଣ,୩।୯(ଡି.ଏନ.ଏ.)**

ଭବାନୀପାଟଣା ସହର ସମେତ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହ ଗଣେଶ ପୂଜା ପାଳିତ ହୋଇଛି। ପଶ୍ଚିମ ଓଡିଶାର ପ୍ରଶିଦ୍ଧ ଗଣପର୍ବ ନୂଆଁଖାଇ ପଞ୍ଚମୀ ତିଥିରେ ପାଳିତ ହେଉଥିବା ଓ ଗଣେଶ ପୂଜା ନବାନ୍ନର ଗୋଟିଏ ଦିନ ପୂର୍ବରୁ ପଡୁଥିବାରୁ ପ୍ରାୟ ଅଧିକାଂଶ ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଆଡମ୍ବର ସହକାରେ ଗଣେଶ ପୂଜା ଉତ୍ସବ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା। ଗଣେଶ ପୂଜା ବିଭିନ୍ନ ଶିକ୍ଷାନୁଷ୍ଠାନର ମୁଖ୍ୟ ପୂଜା ହୋଇଥିଲା ବେଳେ ସେଠାରେ ଛାତ୍ରୀଛାତ୍ର ଓ ବିଭିନ୍ନ କ୍ଲବ ଏବଂ ଅନୁଷ୍ଠାନ ପକ୍ଷରୁ ମନୋରମ ଆଲୋକ ସଜ୍ଜା ସହିତ ସୁଦୃଶ୍ୟ ଗଣେଶ ମହାପ୍ରଭୁଙ୍କ ପୂଜା ହେଉଥିବା ଦେଖିବାକୁ ମିଳିଥିଲା। ସୋମବାର ପୂର୍ବାହ୍ନରେ ଝିପିଝିପି ବର୍ଷା ଲାଗି ରହିଥିବାରୁ ପୂଜା ଆରମ୍ଭ ହେବାକୁ ବେଶ୍ ବିଳମ୍ବ ହୋଇଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଭକ୍ତ ବିଭିନ୍ନ ପୂଜା ମଣ୍ଡପ ବୁଲି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସ୍ଥାନୀୟ ପରମାନନ୍ଦପୁରଠାରେ ଥିବା ଶାସ୍ତ୍ରୀଜୀ ମହିଳା ବିଦ୍ୟା ନିକେତନ, ଶାସ୍ତ୍ରୀଜୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ, ଭବାନୀପାଟଣାଠାରେ ଥିବା ପୋଲିସ ହାଇସ୍କୁଲ, ବ୍ରଜମୋହନ ହାଇସ୍କୁଲ, ମାଣିକେଶ୍ୱରୀ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲାଜୀବିହାର ଓ ବ୍ରଜବିହାର, ଉଦେପୁର ହାଇସ୍କୁଲ, ଇଚ୍ଛାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ଗ୍ରାମାଞ୍ଚଳ ବହୁ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଥିଲା।



ସ୍ଥାନୀୟ ଅଞ୍ଚଳରେ ଗଣେଶ ପୂଜା ପାଳନ କରାଯାଉଛି।

## ଜୁନାଗଡ଼ ବ୍ଲକ: ଧୁମଧାମରେ ନୂଆଁଖାଇ ପାଳନ

**ଜୁନାଗଡ,୩।୯(ଡି.ଏନ.ଏ.)**

### ନିଜ ଗାଁରେ ନୂଆଁଖାଇ ପାଳିଲେ ବିରୋଧୀ ଦଳ ନେତା

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ମଙ୍ଗଳବାର ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଧୁମ୍‌ଧାମରେ ପାଳନ ହୋଇଯାଇଛି। ଜୁନାଗଡ ସହର ଦଧିବାମନ ମନ୍ଦିରରେ ସକାଳ ପ୍ରାୟ ୭ଟାରେ ନୂଆ ଲାଗିବା ପରେ ସହର ପ୍ରତ୍ୟେକବର୍ଗ ଲୋକେ ମହାପଭୁଙ୍କୁ ଲାଗିଥିବା ନବାନ୍ନ ଭୋଗକୁ ଘରକୁ ନେଇଥିଲେ। ସେହି ଭୋଗକୁ ପୁଣି ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରି ସହପରିବାର ସହ ଏକତ୍ର ହୋଇ ନୂଆଁଖାଇ ଥିଲେ। ସେହିପରି ଗାଁରେ ମଧ ଆରାଧ୍ୟ ଦେବତା ଠାରେ ନବାନ୍ନ ଲାଗିବା ପରେ ସେଠାରୁ ନବାନ୍ନ ଭୋଗ ନେଇ ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରି ଲୋକେ ନୂଆଁଖାଇଥିଲେ। ଏହି ଅବସରରେ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ ନିଜ ଗାଁ ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡାକୁ ଆସି ଗ୍ରାମବାସୀଙ୍କ ସହ ଆନନ୍ଦରେ ନୂଆଁଖାଇ ପର୍ବ ପାଳନ କରିଛନ୍ତି। ପ୍ରଥମେ ସେ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ପରେ ସେ ଚାଲି ଚାଲି ଗ୍ରାମ ପରିକ୍ରମା କରିଥିଲେ। ଏହି ସମୟରେ ସମବୟସ୍କଙ୍କ ସହ ସେ ଭାବର ଆଦାନ ପ୍ରଦାନ କରିଥିଲେ। ଏହାସହ ଛୋଟମାନଙ୍କୁ ଆର୍ଶିବାଦ ଦେବା ସହ ବଡମାନଙ୍କୁ ପ୍ରଣିପାତ କରିଥିଲେ। ନୂଆଁଖାଇ ଅବସରରେ ଗ୍ରାମବାସୀଙ୍କ ସହ ଖୁସିରେ ମିଶୁଥିବାବେଳେ ଭାବପ୍ରବଣ ହୋଇ ତାଙ୍କ ପ୍ରତିକ୍ରିୟାରେ ସେ ବି ଜଣେ ସାଧାରଣ ମଣିଷ ବୋଲି କହିଥିଲେ। ସେହିପରି ଏହି ପର୍ବରେ ଧନୀ, ଗରୀବ, ଛୋଟ, ବଡ, ଉଚ୍ଚ ପଦବୀ ଏହାର କିଛି ମାନେ ନାହିଁ। ଏହି ପର୍ବ ଭାଇଚାରାର ପର୍ବ। ଏଠି ସମସ୍ତେ ସମାନ ବୋଲି କହିଥିଲେ। ନୂଆଖାଇଁ ପାଇଁ ମଙ୍ଗଳବାର ସକାଳୁ ରାସ୍ତାଠାରୁ ବଜାର ଓ ଘରଠାରୁ ମନ୍ଦିର ଚାରିଆଡେ ଚଳଚଞ୍ଚଳ ରହିଥିଲା। ନୂଆଁଖାଇର ଅନନ୍ୟ ପରମ୍ପରା ହେଉଛି ପରିବାରର ସମସ୍ତ ସଦସ୍ୟ ଏକାଠି ହେବା। ପରିବାରର ସଦସ୍ୟ ଯିଏ ଯେଉଁଠି ଥିଲେ ବି ବର୍ଷକୁ ଥରେ ଏହି ପର୍ବରେ ପରିବାର ସହିତ ସାମିଲ ହୋଇଥାନ୍ତି। ଏଣୁ ଏହାକୁ ଭାଇଚାରରା ପର୍ବ ମଧ କୁହାଯାଏ। ଛୋଟ ପିଲାଠୁ ବୁଢାବୁଢି ପର୍ଯ୍ୟନ୍ତ୍ ସଭିଏଁ ଏକତ୍ର ବସି ନୂଆଁଖାଇବା। ପରିବାରର ମୁଖିଆ ଇଷ୍ଟଦେବୀ ତଥା ଅନ୍ୟାନ ଦିଅଁ ଦେବତାଙ୍କଠାରେ ନୂଆ ଅନ୍ନ ଅର୍ପଣ କରିବା ପରେ ସମସ୍ତଙ୍କୁ ବାଣ୍ଟିବା ପରମ୍ପରା ଏବେ ବି ବଞ୍ଚି ରହିଛି। ଏହି ପରମ୍ପରାର ନିଆରା ନିଦର୍ଶନ ଦେଖିବାକୁ ମିଳିଥିଲା ଜୁନାଗଡ ସହର ତଥା ବ୍ଲକ ଅଞ୍ଚଳର ପ୍ରତ୍ୟେକ ଗାଁରେ ଥିବା ବିଭିନ୍ନ ସମ୍ପ୍ରଦାୟମାନଙ୍କରେ। ଏଠାକାର ବ୍ରାହ୍ମଣ, ପାଇକ, ମେହେର, ବଙ୍କା, କୁମ୍ଭାର, ମାଳି, ହରିଜନ, ଲୋହରା, ଯାଦବ ଆଦି ବିଭିନ୍ନ ସମ୍ପ୍ରଦାୟର ଲୋକ ଏକାଠି ହୋଇ ଏହି ପର୍ବରେ ସାମିଲ ହୋଇ ଏକତ୍ରବସି ନୂଆଁ ଖାଇଛନ୍ତି । ନର୍ବାନ୍ନ ଭକ୍ଷଣ କରିବା ପରେ ପ୍ରଥମେ ନିଜ ସମ୍ପ୍ରଦାୟ ବ୍ୟୟଜ୍ୟେଷ୍ଠ ଲୋକଙ୍କୁ ମୁଣ୍ଡିଆ ମାରି, ଜୁହାର କରିବା ପରେ ଗାଁ ଦାଣ୍ଡରେ ଗ୍ରାମବାସୀଙ୍କ ସହ ଜୁହାର ଭେଟ କରି ଦିଅଁ ଦର୍ଶନର ପରମ୍ପରା ରହିଥିବାରୁ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ମନ୍ଦିର, ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଠାକୁର ଦର୍ଶନ ଅବସରରେ ପରିଚିତ ବ୍ୟକ୍ତିଙ୍କ ସହିତ ଜୁହାର ଭେଟ ଓ ଭାବର ଆଦାନ ପ୍ରଦାନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଥିବା ମନେ ହେଉଥିଲା। ନୂଆଁଖାଇ ଉପଲକ୍ଷେ ଗାଁରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଚାଲିଛି। ମଙ୍ଗଳବାର ସନ୍ଧାରେ ନୂଆଁଖାଇ ଭେଟଘାଟ ଅବସରରେ ନୃତ୍ୟ ପ୍ରତିଯୋଗିତା,ମେଲୋଡି, ସାମାଜିକ ନାଟକ ଆଦି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମରେ ଗାଁ ଦାଣ୍ଡ ଉଚ୍ଛୁଳୁଛି। ସବୁ ମତ ପାର୍ଥକ୍ୟ ଓ ବିଷାଦକୁ ଭୁଲି ଯୁବ ଗୋଷ୍ଠୀ ଗ୍ରାମବାସୀଙ୍କୁ ମନୋରଞ୍ଜନ ଦେବା ପାଇଁ ଲାଗି ପଡିଛନ୍ତି।



ନୂଆଁଖାଇ ଅବସରରେ ନିଜ ଗାଁରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ସାମିଲ ହୋଇଛନ୍ତି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ବେକରେ ଚୁନି ବାନ୍ଧି ନାବାଳିକାଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା,୩।୯(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଚାର୍ଡି ଗ୍ରାମର ଜନୈକା ୧୭ ବର୍ଷିୟା ନାବାଳିକା ନିଜ ଘର ନିକଟରେ ଥିବା ଏକ ଗଛରେ ଚୁନି ବେକରେ ବାନ୍ଧି ମଙ୍ଗଳବାର ବଡି ଭୋରରୁ ଆତ୍ମହତ୍ୟା କରିଛନ୍ତି। ସକାଳୁ ଉଠି ପରିବାରବର୍ଗ ଏହା ଦେଖିବା ପରେ କୁଆଁରମୁଣ୍ଡା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୪/୧୯) ରୁଜୁ କରିବା ସହ ବ୍ୟବଚ୍ଛେଦ କରାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ନାବାଳିକା ଜଣଙ୍କ ସବୁଦିନ ପରି ସୋମବାର ରାତିରେ ଖାଇସାରି ଶୋଇବାକୁ ଯାଇଥିଲେ ବୋଲି ପୋଲିସ ପରିବାରବର୍ଗଙ୍କୁ ପଚାରି ଜାଣିବାକୁ ପାଇଛି। ମାତ୍ର ବଡି ଭୋରରୁ ଉଠି କାହିଁକି ଘର ନିକଟ ଏକ ଗଛରେ ଚୁନି ବାନ୍ଧି ଆତ୍ମହତ୍ୟା କଲେ ତାହାର କୌଣସି ସୁରାକ୍ ପୋଲିସକୁ ହସ୍ତଗତ ହୋଇନାହିଁ ।

### ନାଳରେ ଭାସିଯାଇ ବୃଦ୍ଧ ମୃତ

**ଲହୁଣୀପଡ଼ା, ୩।୯(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ଗ୍ରାମର ଜଣେ ବୃଦ୍ଧ ନାଳରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ଏହି ଗ୍ରାମର ସନ୍ତୋଷ ସଏ (୭୭) ମଙ୍ଗଳବାର ସକାଳେ ଗାଧୋଇବାକୁ ନିକଟସ୍ଥ ନାଳକୁ ଯାଇଥିଲେ। ନାଳ ଭିତରେ ଗୋଡ଼ ଖସି ଯିବାରୁ ଭାସିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିଥିଲେ। ପରେ ନାଳରେ ଭାସୁଥିବା ଅବସ୍ଥାରେ ମୃତଦେହ ଉଦ୍ଧାର କରିଥିଲେ। ପୋଲିସକୁ ଖବର ଦିଆଯିବାରୁ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।



ହସ୍ପିଟାଲ ଛକ, ସୁନ୍ଦରଗଡ଼।



ସୁନାରୀପଡ଼ା, ସୁନ୍ଦରଗଡ଼।



ଜଗଧାତ୍ରୀ କ୍ଲବ, ସୁନ୍ଦରଗଡ଼।

# ଗଣପତିଙ୍କ ପୂଜା: ସାଜସଜ୍ଜା, ଆଲୋକମାଳାରେ ଝଲସୁଛି ମଣ୍ଡପ

**ସୁନ୍ଦରଗଡ଼, ୩।୯ (ଡି.ଏନ୍.ଏ)**

ବିଘ୍ନବିନାଶନ, ବିଦ୍ୟାଦାତା ଗଣପତିଙ୍କ ପୂଜନୋତ୍ସବ ସୁନ୍ଦରଗଡ ସହରରେ ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସରକାରୀ କାର୍ଯ୍ୟାଳୟ ଓ ସହରର ବିଭିନ୍ନ ପୂଜାମଣ୍ଡପଗୁଡିକରେ ବର୍ଣ୍ଣାଢ୍ୟ ସାଜସଜ୍ଜା ଓ ଆଲୋକମାଳାରେ ଝଲସି ଉଠିଛି। ସହରର ଇବ୍ ନଗର ପୂଜା ମଣ୍ଡପରେ ଗଣପତିଙ୍କ ପୂଜାର୍ଚ୍ଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଛି। ସେହିପରି ସହରର ସୁନାରିପଡା ପୂଜାକମିଟି ତରଫରୁ ୨୦୦୭ ମସିହାରୁ ପ୍ରତିବର୍ଷ ନିଆରା ଓ ଭିନ୍ନ ଢଙ୍ଗରେ ନିର୍ମିତ ଗଣେଶଙ୍କ ପ୍ରତିମାକୁ ପୂଜା କରାଯାଉଛି। ଏଠାରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିବା ଗଣେଶ ଚଳିତବର୍ଷ ନଡିଆ କତା ଓ ସୁତୁଲିରେ ନିର୍ମିତ ହୋଇଛି। ହସ୍ପିଟାଲ ଛକ ପୂଜାକମିଟି ଚଳିତବର୍ଷ ୧୮ ବର୍ଷରେ ପଦାର୍ପଣ କରିଥିବା ବେଳେ ରଙ୍ଗାଢିପା ଥାନାପଡା ପୂଜା କମିଟି ଚଳିତ ବର୍ଷ ୨୫ ବର୍ଷରେ ପଦାର୍ପଣ କରି ରୌପ୍ୟଜୟନ୍ତୀ ପାଳନ କରୁଛି। ଏଠାରେ ଚଳିତବର୍ଷ ଗଣେଶଙ୍କ ସୁଦୃଶ୍ୟ ମୂର୍ତ୍ତିସହ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ଓ ଆକର୍ଷଣୀୟ ସାଜସଜ୍ଜା ସହିତ ବୁଧବାର ଏଠାରେ କମିଟି ତରଫରୁ ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ଛପନ ଭୋଗ ଲାଗିବାର କାର୍ଯ୍ୟକ୍ରମ ରହିଛି। ସେହିପରି ସୁନ୍ଦରଗଡ ମେନ୍ ରୋଡ ପୂଜା କମିଟି ପକ୍ଷରୁ ୧୯୪୨ରୁ ଆରମ୍ଭ ହୋଇଥିବା ଗଣେଶ ପୂଜା ୭୭ ବର୍ଷରେ ପଦାର୍ପଣ କରିଛି। ସହରର ଡେଙ୍ଗିଭାଡି ଠାରେ ଆୟୋଜିତ ଗଣେଶପୂଜା ବିସର୍ଜନ ଶୋଭାଯାତ୍ରାରେ ବମ୍ବେ, ନାଗପୁରର ସ୍ୱତନ୍ତ୍ର ବାଦ୍ୟ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦୟା ଧର୍ମଶାଳା ପୂଜାକମିଟି ପକ୍ଷରୁ ଭିନ୍ନ ଶୈଳୀରେ ଆୟୋଜିତ ମୂର୍ତ୍ତି ଓ ତୋରଣ ଅନ୍ୟତମ ମୁଖ୍ୟ ଆକର୍ଷଣ ପାଲଟିଛି। ଏଠାରେ ମିଶନ ମଙ୍ଗଳ ଫିଲ୍ମର ଥିମକୁ ନେଇ ଆକର୍ଷଣୀୟ ତୋରଣ ହୋଇଛି।



ଥାନାପଡ଼ା, ସୁନ୍ଦରଗଡ଼।

- ସୁନାରିପଡା ପୂଜାକମିଟି ପକ୍ଷରୁ ନଡିଆ କତା, ସୁତୁଲିରେ ନିର୍ମିତ ହୋଇଛି ଗଣେଶ
- ରଙ୍ଗାଢିପା ଥାନାପଡା ପୂଜା କମିଟି ଚଳିତ ବର୍ଷ ରୌପ୍ୟଜୟନ୍ତୀ ପାଳନ କରୁଛି
- ଗଣେଶଙ୍କ ସୁଦୃଶ୍ୟ ମୂର୍ତ୍ତିସହ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ବି ଆକର୍ଷଣୀୟ ହୋଇଛି

ଜବରଦସ୍ତ ଚାନ୍ଦା ଆଦାୟ:

## ବିଭିନ୍ନ ସ୍ଥାନରୁ ୧୩ ଗିରଫ

**କଟକ ଅଫିସ, ୩।୯**

ଆରମ୍ଭ ହୋଇଛି ପାର୍ବଣ ଋତୁ। ଏହି ସମୟରେ ପୂଜା ନାମରେ କେତେକ ଅସାଧୁ ଯୁବକ ବଳପୂର୍ବକ ଚାନ୍ଦା ଆଦାୟ କରୁଛନ୍ତି। ତେଣୁ ରାଜ୍ୟ ପୋଲିସ ପକ୍ଷରୁ ମଙ୍ଗଳବାର ଜବରଦସ୍ତ ଚାନ୍ଦା ଆଦାୟକାରୀଙ୍କୁ ଧରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ୪ଟି ଜିଲାରେ ପୋଲିସ ପକ୍ଷରୁ ୫ଟି ମାମଲା ରୁଜୁ କରାଯାଇ ୧୩ ଜଣଙ୍କୁ ଗିରଫ କରାଯାଇଛି। ତନ୍ମଧ୍ୟରେ ଭୁବନେଶ୍ୱର ଖଣ୍ଡଗିରି ଥାନା ପକ୍ଷରୁ ଗୋଟିଏ ମାମଲା ରୁଜୁ ସହ ଜଣେ ବ୍ୟକ୍ତି ଏବଂ ରାୟଗଡ଼ା ଜିଲା ଚାନ୍ଦିଲି ଥାନାରେ ୨ଟି ମାମଲା ରୁଜୁ କରାଯାଇ ୭ଜଣଙ୍କୁ ଗିରଫ କରାଯାଇଛି। ସେହିପରି ସୁନ୍ଦରଗଡ଼ ଜିଲା ହେମଗିରି ଥାନା ପକ୍ଷରୁ ୪ ଓ ଢେଙ୍କାନାଳର କାମାକ୍ଷାନଗର ଥାନା ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ବୋଲି ଡିଜିପି ବିଜୟ କୁମାର ଶର୍ମା ମଙ୍ଗଳବାର ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜନସାଧାରଣ ଯେପରି ପାର୍ବଣର ମଜା ଉଠାଇପାରିବେ ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ସାବାଡ କରାଯାଇପାରିବ ସେଥିପ୍ରତି ପୋଲିସ ଗୁରୁତ୍ୱ ଦେଇଛି। ରାଜ୍ୟରେ ପାର୍ବଣ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ରାଜ୍ୟ ପୋଲିସ ପ୍ରସ୍ତୁତ ଅଛି ବୋଲି ଶର୍ମା ପ୍ରକାଶ କରିଛନ୍ତି।

## ଫଟୋରେ ଖବର







ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ବଡ଼ଗାଁ ବସ୍ତି, ବସଷ୍ଟାଣ୍ଡ ଓ ଲିଟିପଡ଼ାରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।

# ନୂଆଁଖାଇ ପାଳିଲେ ସୁନ୍ଦରଗଡ଼ବାସୀ

**ସୁନ୍ଦରଗଡ଼, ୩।୯ (ଡି.ଏନ୍.ଏ)**

ସୁନ୍ଦରଗଡର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇ ଓ ରାଜପରିବାରର ଆରାଧ୍ୟା ଦେବୀ ମା' ଶିଖରବାସିନୀଙ୍କ ଠାରେ ମଙ୍ଗଳବାର ଧାର୍ଯ୍ୟ ଲଗ୍ନ ଅନୁଯାୟୀ ନବାନ୍ନ ଲାଗିବା ପରେ ସୁନ୍ଦରଗଡର ପୁରପଲ୍ଲୀରେ ନୂଆଁଖାଇ ହର୍ଷଉଲ୍ଲାସ ମଧ୍ୟରେ ପାଳିତ ହୋଇଥିଲା। ମଙ୍ଗଳବାର ସକାଳ ୯ଟାରେ ସମଲେଶ୍ୱରୀ ମନ୍ଦିରରେ ଓ ରାଜପରିବାର ପକ୍ଷରୁ ମା' ଶିଖରବାସିନୀଙ୍କ ଠାରେ ନୂଆଁ ଚାଉଳରୁ ପ୍ରସ୍ତୁତ ନବାନ୍ନ ଲାଗିଥିଲା। ଏହା ପରେ ସମଲେଇ ମନ୍ଦିରରେ ସ୍ଥାନୀୟ ଲୋକେ ମା' ସମଲେଇଙ୍କ ଦର୍ଶନ କରି ପୂଜାର୍ଚ୍ଚନା ପରେ ନିଜ ଘରେ ନିଜ ଇଷ୍ଟଦେବା ଦେବୀ ଓ ପିତୃପୁରୁଷଙ୍କ ଠାରେ ନବାନ୍ନ ଅର୍ପଣ ପରେ ପରିବାର ଲୋକେ ଏକାଠି ବସି ନୂଆଁ ଖାଇଥିଲେ। ଏହା ପରେ ଜୁହାରଭେଟ ମାଧ୍ୟମରେ ବଡମାନଙ୍କୁ ମୁଣ୍ଡିଆମାରି ଆଶୀର୍ବାଦ ନେବା ସହ ଛୋଟମାନଙ୍କୁ ଆଶୀର୍ବାଦ କରିଥିଲେ। ନୂଆଁ ଚାଉଳରୁ ପ୍ରସ୍ତୁତ କ୍ଷୀରି, ପୁରି, ପିଠାପଣା ଓ ନାନାଦି ବ୍ୟଞ୍ଜନରେ ମହମହ ବାସି ଉଠିଥିଲା ପ୍ରତ୍ୟେକ ଘର। ନୂଆଁଖାଇ ପାଇଁ ସହରର ରାସ୍ତାଘାଟ ଶୁନଶାନ୍ ହୋଇପଡିଥିଲା। ବିଶେଷକରି ଦୂରଦୂରାନ୍ତରେ ଓ ସହରରେ ରହୁଥିବା ଲୋକେ ନିଜ ଗାଆଁରେ ପହଞ୍ଚିଛନ୍ତି। ଘରଠୁ ଗାଁ ଦାଣ୍ଡ ସହର ବଜାର ସବୁଠି ନୂଆଖାଇ ଯୋଗୁ ଉତ୍ସବମୁଖର ହୋଇପଡିଛି।



ସୁନ୍ଦରଗଡ଼ରେ ଲୋକେ ଏକାଠି ନବାନ୍ନ ଖାଉଛନ୍ତି।

# ବ୍ଲକଗ୍ରାଣ୍ଟ ବିଦ୍ୟାଳୟ ସାମଗ୍ରୀ ପାଇବାରେ ବଞ୍ଚିତ

**ବଣାଇ. ୩।୯(ସ୍ୱ.ପ୍ର.)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ପ୍ରାଥମିକ, ଉଚ୍ଚପ୍ରାଥମିକ ଏବଂ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କୁ ସହାୟତା ଦେବା ପାଇଁ ବହୁ ପରିମାଣର ଅର୍ଥ ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା, ସ୍କୁଲବ୍ୟାଗ ମାଗଣାରେ ଦିଆଯିବା ସହିତ ବିଦ୍ୟାଳୟର ପାଠାଗାରକୁ ପୁସ୍ତକ ଏବଂ ଖେଳ ସାମଗ୍ରୀ ପ୍ରଦାନ ନିମନ୍ତେ ବ୍ୟବସ୍ଥା ରହିଛି। ଏ ସମସ୍ତ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସାମଗ୍ରୀ ଯୋଗାଣ ପାଇଁ ଶିକ୍ଷା ବିଭାଗର କର୍ମଚାରୀଙ୍କୁ ଧରାଧରି କରି ବ୍ୟବସାୟୀ ସକ୍ରିୟ ହୋଇ ଉଠିଥିବା ଦେଖିବାକୁ ମିଳିଛି। ପ୍ରକାଶଯୋଗ୍ୟ ଯେ, ବଣାଇଁ ଉପଖଣ୍ଡରେ ଥିବା ବଣାଇଁ ବ୍ଲକ ସମେତ ଲହୁଣୀପଡା, ଗୁରୁଣ୍ଡିଆ ଏବଂ କୋଇଡା ବ୍ଲକରେ ୬ଶହରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଖେଳ ସାମଗ୍ରୀ, ପାଠାଗାର ପାଇଁ ପୁସ୍ତକ, ଛାତ୍ରୀଛାତ୍ରଙ୍କୁ ପୋଷାକ, ସ୍କୁଲ ବ୍ୟାଗ ଓ ଜୋତା ଯୋଗାଣ ପାଇଁ ଛାତ୍ରୀଛାତ୍ରଙ୍କ ସଂଖ୍ୟାକୁ ଆକଳନ କରି ୧୫ ରୁ ୨୦ ହଜାର ଟଙ୍କା ଜିଲା ଶିକ୍ଷାଅଧିକାରୀ ପ୍ରଦାନ କରିଛନ୍ତି। ଏହି ଟଙ୍କାରେ ପ୍ରଧାନ ଶିକ୍ଷକ ନିଜେ ଏହିସବୁ ସାମଗ୍ରୀ କିଣିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିବା ବେଳେ ଏହାକୁ ଖୋଲାଖୋଲି ଉଲଂଘନ କରି ବ୍ଲକରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସି ମାନେ ଏହି ସବୁ ସାମଗ୍ରୀ ଯୋଗାଣ ପାଇଁ ବ୍ୟବସାୟୀଙ୍କ ସହ ହାତ ମିଳାଇ ଯୋଗାଇ ଦେଇଆସୁଛନ୍ତି। ଏପରିକି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱରରୁ ପାଠାଗାର ପୁସ୍ତକ ଏବଂ ଖେଳ ସାମଗ୍ରୀ ନିଜେ ଆଣି ସିଆରସିସିଙ୍କ ଜରିଆରେ ପ୍ରଧାନ ଶିକ୍ଷକଙ୍କୁ ଚାପ ପକାଇ ଏହା ଯୋଗାଇ ଦେଇ ଆସୁଛନ୍ତି। ସେହିପରି ବ୍ୟବସାୟୀ ସିଆରସିସିଙ୍କୁ ହାତକରି ନିଜ କ୍ଲଷ୍ଟରରେ ଥିବା ବିଦ୍ୟାଳୟଗୁଡିକୁ ଅତି ନିମ୍ନମାନର ପୋଷାକ ସହିତ ଜୋତା ଓ ସ୍କୁଲ ବ୍ୟାଗ ଯୋଗାଇ ଦେଇଛନ୍ତି। ଏଥିପାଇଁ ପ୍ରଧାନ ଶିକ୍ଷକଙ୍କ ଠାରୁ ଏ ବାବଦ ଅର୍ଥ ଆଦାୟ କରୁଥିବା ବେଳେ ଏଥିରୁ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ସ୍ପଷ୍ଟ ହୋଇଯାଇଛି। ଏହି ବେନିୟମ କାରବାର ବିଷୟରେ ଜଣେ ପ୍ରଧାନ ଶିକ୍ଷକ ନିଜ ନାମକୁ ଗୋପନ ରଖି କହିଛନ୍ତି ଯେ ଏହି ସାମଗ୍ରୀ କିଣିବା ପାଇଁ ଆମକୁ ପାଠାଗାର ପୁସ୍ତକ ଓ କ୍ରୀଡା ସାମଗ୍ରୀକୁ ଏକ ଗାଡିରେ ବୋଝେଇକରି ଜୋରଜବରଦସ୍ତି ଶିକ୍ଷା ବିଭାଗର ଜିଲା ତଥା ବ୍ଲକସ୍ତରର କର୍ମଚାରୀମାନେ ଆଣି ଦେଉଛନ୍ତି। ଏ ବାବଦରେ ପ୍ରତିବାଦ କଲେ ନାଲି ଆଖି ଦେଖାଇ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଧମକ ଚମକ ଦେଉଥିବା କହିଛନ୍ତି। ଫଳରେ ବର୍ତ୍ତମାନ ପ୍ରଧାନ ଶିକ୍ଷକମାନେ ଉପରିସ୍ଥ ଅଧିକାରୀଙ୍କ ତାଗିଦ ପରେ ସେମାନେ ବାଧ୍ୟ ହୋଇ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ନାମରେ ଆସିଥିବା ଟଙ୍କା ଦେବାକୁ ପଡୁଛି ଯାହାକି ଏକ ବେନିୟମ କାରବାର ଅଟେ। ସେହିପରି ବଣାଇଁ ଉପଖଣ୍ଡରେ ଥିବା ୨୦ରୁ ଉର୍ଦ୍ଧ୍ୱ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟକୁ ଏହି ସବୁ ସାମଗ୍ରୀ ଯୋଗାଣରେ ସରକାର ବାଦ ଦେଇଥିବାରୁ ଏଥିନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ତୁରନ୍ତ ସୁନ୍ଦରଗଡ଼ ଜିଲାପାଳ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜନସାଧାରଣ ଏବଂ ଅଭିଭାବକ ମହଲରେ ଦାବି ହୋଇଛି।

**ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ସଲାସୂତ୍ରାରେ ଚାଲିଛି ବେନିୟମ କାରବାର**

# ଦୟନୀୟ ଅବସ୍ଥାରେ ବିତୁଛି ଜୀବନ

**ସତ ସେଠ୍**
**ବାଲିଶଙ୍କରା, ୩।୯ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକର ସଦରଠାରୁ ୧କିମି ଦୂରରେ ଭାଟିପଡା ବସଷ୍ଟାଣ୍ଡରେ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ଗୋଟିଏ ପରିବାରର ୪ ପିଲାଙ୍କ ସମେତ ୭ ସଦସ୍ୟ। ଘର ନ ଥିବାରୁ ପଲିଥିନ ତଳେ ବସବାସ କରୁଛନ୍ତି ସେମାନେ। ବିଜୁ ପକ୍କାଘର ଲାଗି କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ଘର ଆରମ୍ଭ କରିପାରୁ ନାହାନ୍ତି। କାରଣ ଘରଡ଼ିହ (ଜାଗା) ଦେଇପାରୁନାହିଁ ତହସିଲ। ବିବରଣୀରୁ ପ୍ରକାଶ ଯେ ସୁମତୀ ସେଠ ଜଣେ ବିଧବା, ଗରିବ ମହିଳା। ତାଙ୍କ ସ୍ୱାମୀ ୧୦ ବର୍ଷ ପୂର୍ବରୁ ଆରପାରିକି ଯାଇଛନ୍ତି। ଗୋଟିଏ ପୁଅ, ବୋହୂ, ଦୁଇଟି ଝିଅ। ଝିଅ ଦୁଇଟିକୁ ବିବାହ ଦେଲା ପରେ ବଡ ଝିଅ ମୃତ୍ୟୁବରଣ କରିଥିବାରୁ ତାଙ୍କର ଦୁଇ ଝିଅ (ନାତୁଣୀ)କୁ ପାଳୁଛନ୍ତି ସୁମତୀ। ସୁମତୀଙ୍କ ସମେତ ତାଙ୍କ ପୁଅ, ବୋହୂ, ପୁଅର ୨ ନାବାଳକ ପିଲା ମିଶି ୭ଜଣ ବାସ କରୁଛନ୍ତି। ଭଙ୍ଗା କୁଡିଆ ଘରେ ପଲିଥିନ ଢାଙ୍କି ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି ସମସ୍ତେ। ଜମିବାଡି ନ ଥିବାରୁ ପୁଅ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି। ଏଣୁ ଘର ଖଣ୍ଡିଏ ପାଇଁ ଆବେଦନ କରିବା ପରେ ତାଙ୍କୁ ବିଜୁ ପକ୍କାଘର ନିର୍ମାଣ ଲାଗି କାର୍ଯ୍ୟାଦେଶ ମିଳିଛି। ହେଲେ କାର୍ଯ୍ୟାଦେଶ ମିଳିବାର ଦେଢମାସ ବିତିଯାଇଥିଲେ ମଧ୍ୟ ଘର ହୋଇପାରୁ ନାହିଁ। କାରଣ ସୁମତୀଙ୍କ ଘରଡ଼ିହ ନ ଥିବାରୁ ସରକାରଙ୍କ ତରଫରୁ ସୁମତୀଙ୍କ ବୋହୂ ବୀଣାଙ୍କୁ ୪ ଡିସିମିଲ ଲେଖାଏଁ ଜାଗାର ପଟ୍ଟା ପ୍ରଦାନ କରାଯାଇଛି । ସୁମତୀ ଓ ବୀଣା ବିଡିଓଙ୍କ ପାଖକୁ ଯାଇ ସମସ୍ତ ଦୁଃଖ ଜଣାଇଥିଲେ। ବିଡିଓ ତହସିଲଦାରଙ୍କୁ କହି ଘରଡ଼ିହ ଜାଗା ଚିହ୍ନଟ କରି ଯୋଗାଇ ଦିଆଯିବ କହିଥିଲେ। ପରେ ବାଲିଶଙ୍କରା ଅତିରିକ୍ତ ତହସିଲଦାରଙ୍କୁ ଏ ବାବଦରେ ଅବଗତ କରିଥିଲେ। ଏପରି ୫ ଦିନ ବିତିଗଲା ପରେ ଦୁହେଁ ତହସିଲଦାରଙ୍କୁ ସାକ୍ଷାତ କରି ସମସ୍ତ ଦୁଃଖ ଜଣାଇଥିଲେ ମଧ୍ୟ ଆଜିକାଲି କହି ସମୟ ଗଡ଼ାଇ ଚାଲିଥିଲେ। ସୁମତୀଙ୍କୁ ଘରଡ଼ିହ ଜାଗା ଯୋଗାଇ ଦିଆଯାଉ ନ ଥିବାରୁ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ସରକାରଙ୍କ ନିୟମ ରହିଛି କାର୍ଯ୍ୟାଦେଶ ପାଇବାର ୬୦ ଦିନ ଭିତରେ କାମ ସମ୍ପୂର୍ଣ୍ଣ କଲେ ହିତାଧିକାରୀଙ୍କୁ ୩୦ ହଜାର ଟଙ୍କା ବୋନସ ମିଳିବ। ଏମାନେ କାମ ଆରମ୍ଭ କରିପାରି ନ ଥିବାରୁ ନିର୍ଦ୍ଧାରିତ ସମୟରେ କାମ ଶେଷ କରିପାରିବେ ନାହିଁ। ଫଳରେ ତହସିଲର ଅବହେଳା ପାଇଁ ଏମାନେ ବୋନସ ଟଙ୍କା ହରାଇବେ। ଶାଶୁ, ବୋହୂ ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇ ଭାଗ୍ୟକୁ ଆଦରି ରହିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟିଦେଇ ଏହି ଅସହାୟ ପରିବାରକୁ ଘରଡ଼ିହ ଜାଗା ଯୋଗାଇବାର ବ୍ୟବସ୍ଥା କଲେ ଏମାନେ ଉପକୃତ ହୋଇପାରିବେ।



ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିବା ସୁମତୀଙ୍କ ପରିବାର ସଦସ୍ୟ।

- ବିଜୁ ପକ୍କା ଘର ଲାଗି କାର୍ଯ୍ୟାଦେଶ ମିଳିଛି
- ଘରଡ଼ିହ ଲାଗି ଜାଗା ଦେଇପାରୁ ନାହିଁ ତହସିଲ
- କାର୍ଯ୍ୟାଦେଶ ମିଳିବାର ମାସେ ପରେ ବି ଘର ହୋଇପାରୁନି
- ପଲିଥିନ ତଳେ ବାସ କରୁଛନ୍ତି ୪ ପିଲାଙ୍କ ସହ ୭ ପ୍ରାଣୀ